

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୨୦୭ ● ୨୪ ଅଗଷ୍ଟ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-207 ● 24th August 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24

# ବିଧାନସଭାରେ ସୁଭଦ୍ରା ଯୋଜନା ଏସଓପି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୮**
**ନ୍ୟୁଜ୍ ବ୍ୟୁରୋ**



ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନା ସମ୍ପର୍କିତ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ବାବଦରେ ଗୃହରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆଜି ଏହି ଶୁଭ ଦିନରେ ମୁଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନାକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ସମ୍ପର୍କରେ ଅବଗତ କରାଉଛି। ସେ କହିଥିଲେ ଯେ, ଚଳିତବର୍ଷ ଅଗଷ୍ଟ ୨୨ ତାରିଖରେ ଲୋକସେବା ଭବନରେ ଆୟୋଜିତ ହୋଇଥିବା ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଯୋଜନା ଆର୍ଥିକ ବର୍ଷ ୨୦୨୪-୨୫ରୁ ଆରମ୍ଭ ହୋଇ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୫ ହଜାର ୮୨୫ କୋଟି ଟଙ୍କାର ବଜେଟ ଧାର୍ଯ୍ୟ ହୋଇଛି। ଏହି ଯୋଜନା ରାଜ୍ୟର ୧କୋଟିରୁ ଉର୍ଦ୍ଧ୍ୱ ମହିଳାମାନଙ୍କର ଜୀବନରେ ପରିବର୍ତ୍ତନ ଆଣିବ। ଏଥିରେ ରାଜ୍ୟର ୨୧ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ସାମିଲ୍ କରାଯିବ। ପ୍ରତିବର୍ଷ ସମସ୍ତ ହିତାଧିକାରୀଙ୍କୁ ରାକ୍ଷୀ ପୂର୍ଣ୍ଣିମା ଦିବସ ଏବଂ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ୫ ହଜାର ଟଙ୍କା ଲେଖାଏଁ ବାର୍ଷିକ ମୋଟ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ତେଣୁ ୫ ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦ ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତାକୁ ନିଶ୍ଚିତ କରିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ୍) ମାଧ୍ୟମରେ ଯୋଗ୍ୟ (ପୃଷ୍ଠା ୭ରେ)

# ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀର ଜଳସ୍ତର ବଢ଼ୁଛି

**ଜଳେଶ୍ୱର, ୨୩।୮**
**ନ୍ୟୁଜ୍ ବ୍ୟୁରୋ**



ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ଓ ଜଳକା ନଦୀର ଅବବାହିକା ଅଞ୍ଚଳରେ ଗତ ୪୮ ଘଣ୍ଟା ଧରି ବର୍ଷା ପରିସ୍ଥିତି ଲାଗି ରହିଥିବାରୁ ଦୁଇଟି ଯାକ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଦ୍ୱିତୀୟ ଖରସ୍ରୋତା ନଦୀ ଭାବେ ବିବେଚିତ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ରାଜଘାଟ ଠାରେ ୬.୫୨ ମିଟରରେ ପ୍ରବାହିତ ହେଉଛି। ଏଠାରେ ନଦୀର ଜଳସ୍ତର ୯.୪୫ ମିଟରରେ ପ୍ରବାହିତ ହେଲେ ଏହା ସତର୍କ ସଙ୍କେତ ଓ ୧୦.୩୬ ମିଟରରେ ପ୍ରବାହିତ ହେଲେ ଏହା ବିପଦ ସଙ୍କେତ ବୋଲି କୁହାଯାଇଛି।

ଏହି ନଦୀର ଅବବାହିକା ଅଞ୍ଚଳରେ ଜାମସେଦପୁରରେ ୧.୬ ଏମଏମ, ଘାଟଶିଳାରେ ୧୦.୦ ଏମଏମ, ଜାମଶୋଳାଘାଟରେ ୧.୨ ଏମଏମ, ଫେକଘାଟରେ ସର୍ବାଧିକ ୨୦.୪ ଏମଏମ ଓ ରାଜଘାଟରେ ୧୪.୪ ଏମଏମ ବର୍ଷା ହୋଇଥିବା କେନ୍ଦ୍ର ଜଳ କମିଶନଙ୍କ ବନ୍ୟା ପୂର୍ବାନୁମାନ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ତେବେ ବିପଦ ସଙ୍କୁଳ ଠାରୁ ନଦୀ ବହୁତ ତଳେ ପ୍ରବାହିତ ହେଉ ଥିବାରୁ ଆଗକୁ ଯଦି ଆଉ ବର୍ଷା ବିପ୍ଳାତ ନହୁଏ ତେବେ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସେଚନ ବିଭାଗର ଜଳେଶ୍ୱରସ୍ଥିତ ଉପଖଣ୍ଡ ଯନ୍ତ୍ରୀ ପ୍ରିୟବ୍ରତ ସିଂହ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଜଳକା ନଦୀର ଜଳପତ୍ତନ ମଥାଣି ଠାରେ ସେହି ପୂର୍ବାହ୍ନ ୯ଟା ସମୟରେ ୪.୯୯ ମିଟରରେ ପ୍ରବାହିତ ହେଉଛି। ଏଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୬.୫୦ ମିଟର ରହିଛି। ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ସାମାନ୍ୟ ବୃଦ୍ଧି ପାଇ ଶୁକ୍ରବାର ସେହି ପୂର୍ବାହ୍ନ ୯ ଟାରେ ୩.୪ ମିଟରରେ ପ୍ରବାହିତ ହେଉଛି। ଏହି ନଦୀର ଜଳପତ୍ତନ ୭.୨୧ ମିଟରରେ ପ୍ରବାହିତ ହେଲେ ସତର୍କ ସଙ୍କେତ ଓ ୮.୧୩ ମିଟରରେ ପ୍ରବାହିତ ହେଲେ ଏହା ବିପଦ ସଙ୍କେତ ବୋଲି କୁହାଯାଇଛି। ଉପରୋକ୍ତ ତିନୋଟି ନଦୀର ନିମ୍ନ ଅବବାହିକା ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ବିଭିନ୍ନ ଅଞ୍ଚଳରେ ଥିବା ଛୋଟଛୋଟ ନାଳ ଦେଇ ପ୍ରଖର ସ୍ରୋତରେ ବର୍ଷା ପାଣି ନଦୀକୁ ନିଷ୍କାସିତ ହେଉଛି।

## ନିର୍ବାଚନ ଘୋଷଣା ହେଉ ହେଉ ଜମ୍ମୁ-କଶ୍ମୀରରେ ହାଇ ଆଲର୍ଟ : ବଡ଼ ଆତଙ୍କବାଦୀ ଆକ୍ରମଣ ସୂଚନା



**ଶ୍ରୀନଗର, ୨୩।୮**

ଜମ୍ମୁ-କଶ୍ମୀରରେ ବହୁତ ଶୀଘ୍ର ନିର୍ବାଚନ ହେବାକୁ ଯାଉଛି। ଏହାରି ଭିତରେ ଶୁଣିବାକୁ ମିଳୁଛି ଯେ, ଆତଙ୍କବାଦୀ ଜମ୍ମୁର ପୋଲିସ ଷ୍ଟେସନ, କିଛି ସୁରକ୍ଷା ସ୍ଥଳୀ ଉପରେ ଆକ୍ରମଣ କରିବାକୁ ଯାଉଛନ୍ତି। ସିକ୍ରେଟ ଇନପୁଟଙ୍କୁ ଏନେଇ ଖବର ମିଳିବା ପରେ ସୁରକ୍ଷା ଏଜେନ୍ସିମାନେ ଆଲର୍ଟ ହୋଇଯାଇଛନ୍ତି। ତେବେ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜୋରି, ପୁଞ୍ଛ, କଠୁଆ ଓ ଡୋଡୋରେ ସୁରକ୍ଷା ବଳ ବଢାଇ ଦିଆଯାଇଛି। ସମ୍ବେଦନଶୀଳ ସ୍ଥାନ ଉପରେ କଡା ନଜର ରଖାଯାଇଛି। ଏଜେନ୍ସିଙ୍କୁ ସୂଚନା ମିଳିଛି କି, ଲମ୍ବା ସମୟ ପରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହାକୁ ପ୍ରଭାବିତ କରିବା ପାଇଁ ଆତଙ୍କବାଦୀମାନେ ଆକ୍ରମଣ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଚଳିତ ବର୍ଷ ସୁରକ୍ଷା ବଳ ଜମ୍ମୁ-କଶ୍ମୀରରେ ୩୩ ଆତଙ୍କବାଦୀଙ୍କୁ ନିହତ କରିଥିଲେ।

ସୂଚନାଥାଉ କି, ଜମ୍ମୁ କଶ୍ମୀରରେ ୨୦୧୪ ପରେ ପ୍ରଥମ ଥର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। କେନ୍ଦ୍ର ଶାସିତ ପ୍ରଦେଶ ହେବା ପରେ ଏଠାରେ ପ୍ରଥମ ଥର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଠି ୯୦ ବିଧାନସଭା ଆସନରେ ମତଦାନ ହେବ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ନେପାଳରେ ନଦୀକୁ ଖସିଲା ବସ୍ : ୧୪ ଭାରତୀୟ ମୃତ

**କାଠମାଣ୍ଡୁ, ୨୩।୮**



ନେପାଳରେ ଶୁକ୍ରବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ୪୦ ଭାରତୀୟ ଯାତ୍ରୀଙ୍କୁ ଧରି ଯାଉଥିବା ଏକ ବସ ନଦୀକୁ ଖସି ପଡ଼ିଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ପ୍ରାୟ ୪୦ ଭାରତୀୟ ଯାତ୍ରୀ ପୋଖରାର ଏକ ରିସର୍ଟରେ ଥିଲେ। ସେମାନଙ୍କୁ ଧରି ବସଟି ପୋଖରାରୁ କାଠମାଣ୍ଡୁ ଅଭିମୁଖେ ଯାଉଥିଲା। ମାତ୍ର ଡ୍ରାଇଭରଜଣକ ଭାରସାମ୍ୟ ହରାଇବାରୁ ବସଟି ମାର୍ସାଙ୍ଗଡ଼ି ନଦୀକୁ ଖସି ପଡ଼ିଥିଲା।

ଖବର ପାଇ ନେପାଳ ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରାଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟ ବେଳେ ନଦୀରୁ ୧୪ଟି ମୃତଦେହ ଉଦ୍ଧାର ହୋଇଥିବା ବେଳେ ୧୬ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ସେମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଭିତର ରତ୍ନଭଣ୍ଡାରରୁ ସ୍ଥାନାନ୍ତର ହେଲା ଆଲମାରୀ ଓ ସିନ୍ଦୁକ

**ପୁରୀ, ୨୩।୮ : ନ୍ୟୁଜ୍ ବ୍ୟୁରୋ**



ଶୁକ୍ରବାର ପୁଣି ଖୋଲିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଏସ୍‌ଓପି ଅନୁସାରେ ସେବାୟତଙ୍କ ସହାୟତରେ ଭିତର ରତ୍ନଭଣ୍ଡାରୁ ଖାଲି କରାଯାଇଥିବା ଆଲମାରୀ ଓ ସିନ୍ଦୁକକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜଗମୋହନରୁ ବେହରଣ ଦ୍ୱାର ଦେଇ ପଶ୍ଚିମଦ୍ୱାର ନିକଟ ନୀଳାଦ୍ରି ମ୍ୟୁଜିୟମ ନିକଟ ରୁମ୍‌ରେ ସ୍ଥାନାନ୍ତର କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ଏପରିକି ଭିତର ରତ୍ନଭଣ୍ଡାରରୁ କିଛି ଛଡାଯାଇ ନାହିଁ। ବାହାରିଥିବା ଅଳିଆ ଆବର୍ଜନାକୁ ମଧ୍ୟ ଗଣ୍ଠୁଲି କରି ରୁମ୍‌ରେ ରଖାଯାଇଥିବା ମୁଖ୍ୟ ପ୍ରଶାସକ ଡକ୍ଟର ପାଢ଼ୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ଥିବା ସମସ୍ତ ଅଳଙ୍କାର ଷ୍ଟ୍ରଙ୍ଗରୁମରେ ରଖାଯାଇଛି।

ଏପରିକି ଭିତର ରତ୍ନଭଣ୍ଡରାର ଥିବା ଏକ ଲୁହା ସିନ୍ଦୁକ ସ୍ଥାନାନ୍ତରଣ ବେଳେ ବାହାରକୁ ବାହାରିବା ସମ୍ଭବ ନ ହେବାରୁ ବାହାର ରତ୍ନଭଣ୍ଡାର କାଠ କବାଟ କଟାଯାଇ ଏହାକୁ ବାହାର କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି। ସିନ୍ଦୁକ, ଆଲମିରା ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ ହେବା ପରେ ବର୍ତ୍ତମାନ ଏଏସ୍‌ଆଇକୁ ଚିଠି ଲେଖାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଏପରିକି ଏଏସ୍‌ଆଇ ଆବଶ୍ୟକ ସ୍କାନିଂ କରି କିଛି ଜିନିଷ ଥିଲେ ସନ୍ଧାନ କରିବ। ଆବଶ୍ୟକ ସ୍କାନିଂ ପରେ ଏଏସ୍‌ଆଇ ମରାମତି କାର୍ଯ୍ୟ କରିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ତାଙ୍କ ପ୍ରତିକ୍ରିୟାରେ ସରକାରଙ୍କ ସ୍ୱତନ୍ତ୍ର ଏସ୍‌ଓପି ଅନୁସାରେ ଶାନ୍ତି ଶୃଙ୍ଖଳାର ସହିତ ଭିତର ରତ୍ନଭଣ୍ଡାରରୁ (ପୃଷ୍ଠା ୭ରେ)

# ୟୁକ୍ରେନ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି ଜେଲେନସ୍କିଙ୍କୁ ଆଲିଙ୍ଗନ କଲେ, ସାନ୍ତ୍ୱନା ଦେଲେ



**କିଭ୍ : ୨୩।୮**

ଯୁଦ୍ଧରେ ଛାରଖାର ହୋଇ ଯାଇଥିବା ୟୁକ୍ରେନ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶୁକ୍ରବାର ପ୍ରଧାନମନ୍ତ୍ରୀ ୟୁକ୍ରେନ ରାଜଧାନୀ କିଭ୍‌ରେ ପହଞ୍ଚିବା ପରେ ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନସ୍କି ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ସମୟରେ ଦୁଇ ରାଷ୍ଟ୍ର ନେତା କରମର୍ଦ୍ଦନ କରିବା ସହ ଆଲିଙ୍ଗନ କରିଥିବା ଦେଖିବାକୁ ମିଳିଛି।

ଏହାପରେ ମୋଦି ଓ ଜେଲେନସ୍କି ଦେଶର ଶହୀଦ ସ୍ମାରକୀ ପରିଭ୍ରମଣ କରିଛନ୍ତି। ଜେଲେନସ୍କି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଯୁଦ୍ଧରେ ପ୍ରାଣ ହରାଇଥିବା ଛୋଟ ପିଲାମାନଙ୍କ ସ୍ମୃତି ବୁଲି ଦେଖାଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ଜେଲେନସ୍କିଙ୍କ କାନ୍ଧରେ ହାତ ପକାଇ ତାଙ୍କୁ (ପୃଷ୍ଠା ୭ରେ)

# ବେଆଇନ ମଦ କାରବାର ନେଟୱାର୍କକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯିବ

**ଭୁବନେଶ୍ୱର, ୨୩।୮**
**ନ୍ୟୁଜ୍ ବ୍ୟୁରୋ**

"ଗଞ୍ଜାମ ଜିଲ୍ଲା ଚିକିଟି ଅଞ୍ଚଳରେ ଘଟିଥିବା ବିଷାକ୍ତ ମଦମୃତ୍ୟୁ ମାମଲାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସତ୍ୟ ଓ ତଥ୍ୟ ଲୁଚାଇବାକୁ ସରକାରଙ୍କ ଉଦ୍ୟମ ଯୋଗୁ ବ୍ୟାପକ ଜନ ଅସନ୍ତୋଷ" ଅଭିଯୋଗ ଦର୍ଶାଇ ଆଜି ବିଧାନସଭାରେ ବିରୋଧି ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ନୋଟିସ୍ ଆଗତ କରାଯାଇଥିଲା। ଏହି ପ୍ରସଙ୍ଗରେ ଗୃହରେ ସରଗରମ ଆଲୋଚନା ମଧ୍ୟ ହୋଇଥିଲା। ବିରୋଧି ଦଳରୁ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ବିଜେଡ଼ିର ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ଡଃ ଅରୁଣ ସାହୁ ଓ ଗୌତମ ବୁଦ୍ଧଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇ ମଦମୃତ୍ୟୁ ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ଅବକାରୀ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି ଉଠାଇଥିଲେ। ଅପରପକ୍ଷରେ ଶାସକ (ପୃଷ୍ଠା ୭ରେ)

## ବିରୋଧୀଙ୍କ ହଟ୍ଟଗୋଳ-ନାରାବାଜି ଓ କକ୍ଷତ୍ୟାଗ

**ଭୁବନେଶ୍ୱର, ୨୩।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଝେରା ମଦ କାରବାର ଘଟଣାରେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆଜି ବିଧାନସଭା ବୈଠକ ଆରମ୍ଭରୁ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ନାରାବାଜି ଚଳାଇବାରୁ ଗୃହରେ ହଟ୍ଟଗୋଳ ଜନିତ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବିଜେଡ଼ି ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଓ ମାଧବ ଧଡା ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଚଢିବାକୁ ବାରମ୍ବାର ଉଦ୍ୟମ କରିଥିବା ବେଳେ ପୋଡିୟମକୁ ସଂଯୋଗ କରୁଥିବା ଦୁଇ ପାର୍ଶ୍ୱରେ ମଧ୍ୟ ବିରୋଧୀ ବିଧାୟକମାନେ ଉପରକୁ ଚଢିବା ପାଇଁ ଉଦ୍ୟମ କରିଥିଲେ।

ସେହିପରି ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟିକା ବର୍ଷାସିଂହ ବରିହା ଏବଂ ସୁବାସିନୀ ଜେନା ପ୍ରମୁଖ ମଧ୍ୟ ବାଚସ୍ପତିଙ୍କ ମଞ୍ଚ ଆଡକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢୀ ବିରୋଧୀ ଦଳର ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିବା ପାଇଁ ନିବେଦନ କରିଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସିନଥିଲା। ବାଧ ହୋଇ ବାଚସ୍ପତି ଗୃହରେ ଦେଖାଦେଇଥିବା ଅଚଳାବସ୍ଥା ଏଡ଼ାଇବା ପାଇଁ ୧୦ ମିନିଟ୍ ପରେ ଅର୍ଥାତ୍ ୧୦.୪୦ ମିନିଟ୍‌ରେ ବୈଠକକୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହା ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା।

## କୋଟିଆରେ ପୁଣି ଆନ୍ଧ୍ରର ଅନୁପ୍ରବେଶ ମନରେଗା କାମ କରିବାକୁ ବ୍ୟାକୁଳ ହେଲା

**ପଟ୍ଟାଙ୍ଗୀ, ୨୩।୮**
**ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ସରିବା ପରେ ଦ୍ୱିତୀୟ ଥର ଆନ୍ଧ୍ର ପ୍ରଦେଶର ଓଡ଼ିଶା ମଧ୍ୟକୁ ଅନୁପ୍ରବେଶ ହୋଇଛି। ଶୁକ୍ରବାର ଆନ୍ଧ୍ରର ଟିଡିପି ସରକାର ଓ ସାଲୁର ବ୍ଲକ କର୍ମଚାରୀ କୋଟିଆର ଧୂଳିପଦରରେ ଅନୁପ୍ରବେଶ କରି ମନରେଗା କାମ ପାଇଁ ଓଡ଼ିଶାର ୪ଟି ଗାଁ ପାଇଁ ଗ୍ରାମସଭା କରି ଫେରିଥିବା ସୂଚନା ମିଳିଛି। କିଛି ଦିନର ନୀରବତା ପରେ ପୁଣି ଆନ୍ଧ୍ର ଓଡ଼ିଶା ସୀମାନ୍ତ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତର ଧୂଳିପଦରରେ ଅନୁପ୍ରବେଶ କରିଛି ଆନ୍ଧ୍ର।

ନିର୍ବାଚନ ସରିବାର ପ୍ରାୟ ୩ ମାସ ପରେ ଦ୍ୱିତୀୟ ଥର ଅନୁପ୍ରବେଶ କରି ଆନ୍ଧ୍ରର ନିର୍ବାଚିତ ନୂତନ ସରକାର ଗ୍ରାମସଭା କରିଥିବା ଜଣାପଡ଼ିଛି। ବିଶେଷ କରି ଏହି କାର୍ଯ୍ୟକ୍ରମଟି ସାଲୁର ମଣ୍ଡଳସ୍ଥିତ ଗଞ୍ଜେଇପଦର ପଞ୍ଚାୟତ ଅଧିନରେ ଥିବା ଧୂଳିପଦରରେ ଏକ କ୍ୟାମ୍ପ ମାଧ୍ୟମରେ ଗ୍ରାମସଭା ଅନୁଷ୍ଠିତ (ପୃଷ୍ଠା ୭ରେ)

## ଏକାଳ ସକାଳ



ଲୋକଙ୍କ ହିତରେ କଣ କଥା ହେବେ
ମୁଣ୍ଡରେ ତ ଦୁଷ୍ଟ ବୁଦ୍ଧି
ବିଧାନସଭା ଚଳେଇ ନଦେଇ
କରନ୍ତି ଫିକର ଫନ୍ଦି
ଜନସ୍ୱାର୍ଥକୁ ମାରିଣ ଖୁନ୍ଦି
ବାଚସ୍ପତିଙ୍କୁ ଅପମାନ କଲେ
ହେବ କିବା ଚିତ୍ତ ଶୁଦ୍ଧି।

# ରାଜ୍ୟସଭା ପ୍ରାର୍ଥୀତ୍ୱକୁ ନେଇ ଛକାପଞ୍ଝା : ବିଜେପି-ବିଜେଡ଼ି ଏବେ ସଂପୂର୍ଣ୍ଣ ଦ୍ୱନ୍ଦ୍ୱରେ

**ଭୁବନେଶ୍ୱର, ୨୩।୮**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ରାଜ୍ୟସଭା ପ୍ରାର୍ଥୀତ୍ୱକୁ ନେଇ ରାଜନୈତିକ ମହଲରେ ଆରମ୍ଭ ହୋଇଯାଇଛି ଛକାପଞ୍ଝା। ଶାସକ ଦଳ ବିଜେପି ଏବଂ ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ରାଜ୍ୟସଭା ପ୍ରାର୍ଥୀତ୍ୱକୁ ନେଇ ଏବେ ସଂପୂର୍ଣ୍ଣ ଦ୍ୱନ୍ଦ୍ୱରେ ପଡିଛନ୍ତି। ରାଜନୈତିକ ମହଲରେ ଏହି ପ୍ରସଙ୍ଗ ମୁଖ୍ୟ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। କାହିଁକି ନା ବିଜେଡ଼ିର ରାଜ୍ୟସଭା ସାଂସଦ ଥିବା ମମତା ମହନ୍ତ ନିକଟରେ ରାଜ୍ୟସଭାରୁ ଇସ୍ତଫା ଦେବା ସହ ବିଜେଡ଼ିର ପ୍ରାଥମିକ ସଦସ୍ୟତା ପଦରୁ ମଧ୍ୟ ଇସ୍ତଫା ଦେଇ ୨୪ ଘଣ୍ଟା ଭିତରେ ବିଜେପିରେ ଯୋଗଦେଇଥିଲେ ଏବଂ ଏହା ପରେ ତାଙ୍କୁ ବିଜେପି କେନ୍ଦ୍ରୀୟ ବୋର୍ଡ ରାଜ୍ୟସଭା ପ୍ରାର୍ଥୀ ହେବା ନେଇ ଘୋଷଣା କରିଥିଲା। ୨୧ ତାରିଖ ପୂର୍ବାହ୍ନରେ ମମତା ମହନ୍ତ ବିଧାନସଭା ପରିସରକୁ ଆସି ବିଜେପିର ରାଜ୍ୟସଭା ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କଲେ। ମମତାଙ୍କ ନାମାଙ୍କନରେ ପ୍ରଥମ ପ୍ରସ୍ତାବକ ରହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନାମାଙ୍କନ ଦାଖଲ ବେଳେ ରାଜ୍ୟସଭାପତି ମନମୋହନ ସାମଲଙ୍କ ଠାରୁ ଆରମ୍ଭ କରି ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ୍‌ସିଂ ତୋମାର, ସାଂସଦ ଅନୀତା ଶୁଭଦର୍ଶିନୀ, ନବଘନ ମାଝୀଙ୍କ ସମେତ ରାଜ୍ୟମନ୍ତ୍ରୀ ମଣ୍ଡଳର ବହୁ ସଦସ୍ୟ ଓ ବିଧାୟକ ବିଧାୟିକାମାନେ ଉପସ୍ଥିତ ଥିଲେ। ମମତାଙ୍କ ନାମାଙ୍କନ ଦାଖଲ ପରେ ସେହିଦିନ ଅପରାହ୍ନରେ ଭୁବନେଶ୍ୱର ମଧ୍ୟ ଆସନରୁ ବିଜେପିର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଅଳ୍ପ ଭୋଟ୍‌ରେ ହାରିଯାଇଥିବା ଜଣାଶୁଣା ନେତା ଜଗନ୍ନାଥ ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିଲେ। ହେଲେ ତାଙ୍କ ନାମାଙ୍କନରେ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଏବଂ ଆଉ ୯ଜଣ ବିଧାୟକ ପ୍ରସ୍ତାବକ ରହିଥିଲେ।

ରାଜ୍ୟସଭାର ଗୋଟିଏ ଆସନ ପାଇଁ ଓଡ଼ିଶାରୁ ଦୁଇଜଣ ନାମାଙ୍କନ ପତ୍ର ଦାଖଲ କରିବା ପରେ ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଯଦିଓ ମମତାଙ୍କ ପ୍ରାର୍ଥୀତ୍ୱକୁ ଦଳର କେନ୍ଦ୍ରୀୟ ନେତୃତ୍ୱ ମୋହର ମାରିଛନ୍ତି ତଥାପି ଜଗନ୍ନାଥଙ୍କ ପ୍ରାର୍ଥୀତ୍ୱ ପଛରେ ଦଳର ଏକ ଶକ୍ତିଶାଳୀ ଗୋଷ୍ଠୀ ରହିଥିବା କୁହାଯାଉଛି। ସେହିପରି ଆହୁରି ମଧ୍ୟ ଚର୍ଚ୍ଚା ହେଉଛି ମମତା ମହାନ୍ତ ବିଜେଡ଼ିରୁ ଆସି ଆକସ୍ମିକ ଭାବେ ବିଜେପିରେ ମିଶିବା ଓ ତାଙ୍କୁ ସଙ୍ଗେ ସଙ୍ଗେ ଦଳ ପ୍ରାର୍ଥୀ କରିବା ପଛରେ ବି କେନ୍ଦ୍ରୀୟ ନେତୃତ୍ୱର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି। ତାହା ହେଲା (ପୃଷ୍ଠା ୭ରେ)

# ମୋଦିଙ୍କ ଗସ୍ତ ପରେ ଅଟକି ଯିବ ୟୁକ୍ରେନ-ଋଷ ଯୁଦ୍ଧ ! ଆଶା ପ୍ରକଟ କଲା ଜାତିସଂଘ

**ନୂଆଦିଲ୍ଲୀ, ୨୩।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ୟୁକ୍ରେନ-ଋଷ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ସମାପ୍ତ କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଛନ୍ତି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍।

ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ସିଧାସଳଖ ପୋଲାଣ୍ଡରୁ ଟ୍ରେନ ଯୋଗେ ୟୁକ୍ରେନରେ ପହଞ୍ଚିଥିଲେ। କିଭରେ ପହଞ୍ଚିବା ପରେ ତାଙ୍କୁ ଭାରତୀୟ ସମ୍ପ୍ରଦାୟର ଲୋକମାନେ ସ୍ୱାଗତ କରିଥିଲେ। ଏହାପରେ ମୋଦି ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା।

ଏହାରି ମଧ୍ୟରେ ୟୁକ୍ରେନରେ ଚାଲିଥିବା ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ବିଷୟରେ ଜାତିସଂଘର ସାଧାରଣ ସମ୍ପାଦକ ଷ୍ଟେଫେନ ଡୁଜାରିକ୍‌ଙ୍କୁ ଏକ ପ୍ରଶ୍ନ ପଚରାଯାଇଥିଲା, ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ସମାପ୍ତ କରିପାରିବ।

ମିଳିତ ଜାତିସଂଘର ସେକ୍ରେଟେରୀ ଜେନେରାଲ ମୁଖପାତ୍ର ଷ୍ଟିଫେନ ଡୁଜାରିକ କହିଛନ୍ତି ଯେ ଆମେ ଅନେକ ରାଜ୍ୟ ତଥା ସରକାରଙ୍କ ମୁଖ୍ୟଙ୍କୁ (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଅଗଷ୍ଟ ୨୦୨୪ ଶନିବାର





## ବନ୍ଧୁକ ଦେଖାଇ ଲୁଟିନେଲେ ଟଙ୍କା ଓ ସୁନା ଅଳଙ୍କାର

**ସାରସକଣା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ଝାଡ଼ପୋଖରିଆ ଥାନା ଅନ୍ତର୍ଗତ ପୋଖରିଆ ପଞ୍ଚାୟତ ଅଫିସ ସମ୍ମୁଖରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ବନ୍ଧୁକ ଦେଖାଇ ମୋବାଇଲ, ଟଙ୍କା, ସୁନା ମୁଦି, ସୁନା କାନଫୁଲ ଲୁଟ୍ ହୋଇଥିବା ନେଇ ଝାଡ଼ପୋଖରିଆ ଥାନାରେ ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ପୋଖରିଆ ଗ୍ରାମର ଅରବିନ୍ଦ କୁମାର ବାଜପେୟୀ ଓ ସ୍ତ୍ରୀ ସୁରେନ୍ଦ୍ରୀ ଘର ସମ୍ମୁଖରେ ଥିବା ନିଜର ମନୋହରୀ ଦୋକାନ ବନ୍ଦ କରି ରାତି ପ୍ରାୟ ୮ଟା ସମୟରେ ଘରେ ବସି ଖାଉଥିଲେ । ଏହି ସମୟରେ ତିନି ଜଣ ଯୁବକ ପିସ୍ତଲ୍ ଓ ଭୁଜାଲି ଧରି ଘର ଭିତରକୁ ପ୍ରବେଶ କରିଥିଲେ । ଅରବିନ୍ଦଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ସ୍ୱାମୀ-ସ୍ତ୍ରୀଙ୍କ ମୁହଁରେ ବ୍ଲାକ୍ ଟେପ୍ ମାରି ଦୁଇ ଜଣଙ୍କୁ ବାନ୍ଧି ଗୋଟିଏ କୋଠରୀ ଭିତରକୁ ନେଇ କେଉଁଠି ଟଙ୍କା ସୁନା ରଖିଛନ୍ତି ନ କହିଲେ ମାରିଦେବେ ବୋଲି ଧମକ ଦେଇଥିଲେ । ତେବେ ସ୍ୱାମୀ-ସ୍ତ୍ରୀ ଜୀବନ ବଞ୍ଚାଇବା ପାଇଁ ପାଖରେ ଥିବା ୩୦ ହଜାର ଟଙ୍କା, ସୁନା ମୁଦି, କାନଫୁଲ ରଖୁଥିବା ସ୍ଥାନ ଦେଖାଇ ଦେବାରୁ ଡକାୟତ ମାନେ ସେଗୁଡ଼ିକୁ ନେଇ ପଳାଇଯାଇଥିଲେ । ତେବେ ତାଙ୍କ ଘର ସମ୍ମୁଖରେ ଲାଗିଥିବା ସିସି କ୍ୟାମେରାରେ ଡକାୟତଙ୍କ କାର୍ଯ୍ୟକଳାପ ରେକର୍ଡ ହୋଇରହିଛି । ସେମାନେ ଅରବିନ୍ଦଙ୍କ ଘରକୁ ପଶିବା ବେଳେ ମୁହଁ ଖୋଲା ରହିଥିଲା । ଝାଡ଼ପୋଖରିଆ ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣା ସଂକ୍ରାନ୍ତରେ ପୋଲିସ ପ୍ରତିକ୍ରିୟା ମିଳିନାହିଁ । ଏଥିନେଇ ଥାନାରେ ମାମଲା ରୁଜୁ ହୋଇଛି ।

## କଟକ-ଭୁବନେଶ୍ୱର ଭଳି ବ୍ରହ୍ମପୁର ସହରରେ ଡିଜେ ବନ୍ଦ ହେଉ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ସହରର ମଧ୍ୟରେ ଯେଉଁ ବିବାହ, ବ୍ରତ, ପୂଜା ଶୋଭାଯାତ୍ରା, ବୋଲ୍ ବମ୍ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯେଉଁ ଡିଜେ ସାଉଣ୍ଡ ବ୍ୟବହାର ହେଉଛି ଶବ୍ଦର ମାତ୍ରା ଏତେ ପ୍ରଖର ଯେ ସାଧାରଣ ସୁସ୍ଥ ମଣିଷ ପକ୍ଷେ ସହ୍ୟ କରିହେଉନାହିଁ । ଛୋଟ ଶିଶୁ, ରୋଗୀ ଓ ବରିଷ୍ଠ ନାଗରିକ ପକ୍ଷେ ଏହା ବହୁତ୍ ସମସ୍ୟା ସୃଷ୍ଟି କରୁଛି । ବିବାହ ଶୋଭାଯାତ୍ରା ପାଇଁ ପୋଲିସ ଓ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣୁଛନ୍ତି ସତ ହେଲେ, ଅନୁମତି ମିଳିବା ପରେ ଏହି ନିୟମକୁ ଆଉ ମାନୁନାହାଁନ୍ତି । ରାତି ଅଧ ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲୁଛି । ଫଳରେ ଶବ୍ଦ ପ୍ରଦୂଷଣ ହେବା ସହ ଲୋକେ ଘରେ ରହି ବି ଅଣନିଶ୍ୱାସୀ ହୋଇପଡୁଛନ୍ତି । ବିଶେଷ କରି ହୃଦ୍‌ରୋଗୀ, ଶିଶୁ, ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି । ମାତ୍ରାଧିକ ଶବ୍ଦରେ ଡିଜେ ବାଜିବା ଫଳରେ ସେହି ପାର୍ଶ୍ୱ ଦେଇ ଯାତାୟାତ କରିବା ବେଳେ ଛାତି ଥରିଉଠୁଛି । ଶବ୍ଦର ମାତ୍ରା ବୃଦ୍ଧି କାରଣରୁ ଶ୍ରବଣ ଶକ୍ତିଜନିତ ସମସ୍ୟା ଉପୁଜୁଛି । ବିବାହ ଶୋଭାଯାତ୍ରା ପାଇଁ ସହରରେ ଟ୍ରାଫିକ୍ ଜାମ୍, ଯାହାଫଳରେ ବ୍ରହ୍ମପୁର ସହରରେ ଥିବା ଦକ୍ଷିଣ ଓଡ଼ିଶାର ବୃହତ୍ କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ମଧ୍ୟ ଆମ୍ବୁଲାନ୍ସ ସେବା ଯୋଗେ ଯେଉଁ ସବୁ ରୋଗୀ ଆସୁଛନ୍ତି ସେମାନଙ୍କୁ ସହର ରାସ୍ତା ଅତିକ୍ରମ କରିବାକୁ ହିଁ ବହୁତ୍ ସମୟ ଲାଗୁଛି । ଯଦ୍ୱାରା ରୋଗୀର ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ୟା ଉପୁଜୁଛି । ବାହାଘର ଶୋଭାଯାତ୍ରା ବେଳେ ଡିଜେ ଶବ୍ଦ ଲୋକଙ୍କୁ କଲବଲ କରିଦେଉଛି । ମାତ୍ରାଧିକ ଶବ୍ଦ ଯୋଗୁଁ ଡିଜେ ଯାଉଥିବା ରାସ୍ତାରେ ଯିବାବି କଷ୍ଟକର ହୋଇପଡୁଛି । ନିୟମାନୁଯାୟୀ ୬୦ ଡେସିବଲ୍‌ରୁ କମ୍ ଶବ୍ଦରେ ଡିଜେ ବଜାଇବା ଓ ରାତି ୧୦ଟା ପରେ ଶୋଭାଯାତ୍ରା ଉପରେ କଟକଣା କରାଯାଇଥିବା ବେଳେ କେହିବି ଏହାକୁ ମାନିବାକୁ ନାରାଜ, ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ବେଳେ ପୋଲିସ ଓ ପ୍ରଶାସନ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ପାଲଟିଛନ୍ତି । ଗଣେଶ ପୂଜାରେ ଏହି ବର୍ଷ କଟକ-ଭୁବନେଶ୍ୱରରେ ଡିଜେ ବନ୍ଦ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହା ପୂର୍ବରୁ ସାମାଜିକ କାର୍ଯ୍ୟକ୍ରମରେ ଡିଜେକୁ ବନ୍ଦ କରିଛନ୍ତି । ସେହିପରି ବିକୃତ ମୂର୍ତ୍ତି ନିର୍ମାଣ ଓ ପୂଜା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ସ୍ପଷ୍ଟ କରିଛି । ପୁଷ୍ପାଞ୍ଜଳି ବେଳେ ନିଶାମୁକ୍ତ ଶପଥ କରାଇବେ ପୂଜକ । ଏହି ନିୟମ ସବୁ ମଧ୍ୟ ବ୍ରହ୍ମପୁରରେ ଲାଗୁ କରିବା ପାଇଁ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ବ୍ରହ୍ମପୁର ପୋଲିସ ପ୍ରଶାସନକୁ ଏକ ପ୍ରେସ୍ ବିବୃତିରେ ଦାବି କରିଛନ୍ତି ।

## ପୋଡୁଚାଷ ପ୍ରଭାବରେ ବଣ୍ଡା ଘାଟିରେ ସଲପ ଗଛ ବିଲୁପ୍ତ ହେଉଛି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**



ସମୁଦ୍ର ପତ୍ତନ ଠାରୁ ପ୍ରାୟ ୫ ହଜାର ଫୁଟ୍ ଉଚ୍ଚରେ ରହିଛି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ବଣ୍ଡାଘାଟି ଆଦିମ ଜନଜାତି ବଣ୍ଡାଙ୍କ ବାସସ୍ଥାନ । ପ୍ରକୃତି ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଏହି ଜନଜାତି ଶହ ଶହ ବର୍ଷ ଧରି ପ୍ରକୃତିକୁ ସୁରକ୍ଷା ଦେଇ ଆସୁଥିଲେ । କିନ୍ତୁ ପ୍ରାଚୁର୍ଯ୍ୟଭରା ବଣ୍ଡାଘାଟି ମଣିଷକୃତ କ୍ଷତି ଯୋଗୁଁ ସବୁଜ ବନାନୀ ହରାଇ ସାରିଲାଣି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱରୂପ ପରିବେଶର ସୁରକ୍ଷା କବଚ ସଲପ ଗଛ ବିଲୁପ୍ତ ଅବସ୍ଥାକୁ ଚାଲିଆସିଛି । ବଣ୍ଡା ଜନଜାତିଙ୍କୁ ଜଙ୍ଗଲ ହିଁ ସବୁବେଳେ ବଞ୍ଚିବାର ରାହା ଦେଖାଇ ଆସିଛି । ସେମାନଙ୍କ ପାଇଁ ସମୃଦ୍ଧିର ପ୍ରତୀକ ହୋଇଥିବାରୁ ଖୋଲା ସ୍ଥାନ ପାଇଲେ ପ୍ରଚୁର ପରିମାଣରେ ସଲପ ଗଛ ଲଗାଉଥିଲେ ଯାହା କାଳକ୍ରମେ ସଲପ ବଣରେ ପରିଣତ ହୋଇଥିଲା । ସଲପ ରସ ନିଜେ ପିଇବା ସହ ଏହାକୁ ବିକ୍ରି କରି ଗୁଜରାଣ ମଧ୍ୟ ମେଣ୍ଟାଉଥିଲେ । ପ୍ରତ୍ୟେକ ପରିସ୍ଥିତିରେ ଏହି ଗଛ ସହଯୋଗ କରିଆସୁଥିଲା । ସମୟକ୍ରମେ ବଣ୍ଡା ଜନଜାତିଙ୍କ ଜୀବନଶୈଳୀରେ ପରିବର୍ତ୍ତନ ହୋଇଛି । ଯାହାର ପରିଣାମ ସ୍ୱରୂପ ଦୈନନ୍ଦିନ ଜୀବନ ଲାଗି ଟଙ୍କା ଆବଶ୍ୟକ ପଡୁଛି । ଏଥିପାଇଁ ନିଜେ ଲଗାଇଥିବା ଗଛକୁ ଏବେ ବିକ୍ରି କରୁଛନ୍ତି । କୌଣସି ଶୁଭ କିମ୍ବା ଅଶୁଭ କାମ ନିମନ୍ତେ ଟଙ୍କା ଯୋଗାଡ଼ କରିବାକୁ ହେଲେ ସଲପ ଗଛ ହିଁ ବିନିମୟର ମାଧ୍ୟମ ପାଲଟୁଛି । ବର୍ତ୍ତମାନ କିଛି ବର୍ଷ ଲାଗି ସଲପ ଗଛ ଲିଜ୍ ଦେବା ବି ଆରମ୍ଭ କରିଛନ୍ତି ତେଣୁ ପୂର୍ବଭଳି ଆଉ ଗଛର ଯତ୍ନ ନେଉନାହାନ୍ତି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାଙ୍ଗକୁ ପୋଡୁଚାଷ ଓ ଜଙ୍ଗଲ କ୍ଷୟ ଯୋଗୁଁ ସଲପ ଗଛ ବଳି ପଡୁଛି । ମାଗଣା ଚାଉଳ ଏବଂ ଅନ୍ୟ ସରକାରୀ ଯୋଜନା ମଧ୍ୟ ସଲପ ଗଛ ପ୍ରତି ବଣ୍ଡା ସଂପ୍ରଦାୟ ଧ୍ୟାନ ନଦେବା ଅନ୍ୟତମ କାରଣ । ଜଙ୍ଗଲ ତଥା ଜମିରେ ପୂର୍ବରୁ ସୁଆଁ, ମାଣ୍ଡିଆ ବୁଣିବା ସହ ସଲପ ମଞ୍ଜି ମଧ୍ୟ ବଣ୍ଡା ଫିଙ୍ଗି ଦେଉଥିଲେ । ଯାହାର ଯେତିକି ସଲପ ଗଛ, ସିଏ ସେତିକି ଧନୀ ବୋଲି ଗଣାଯାଉଥିଲା । ତେଣୁ ଗଛ ଲଗାଇବାକୁ ପ୍ରତିଯୋଗିତା ହେଉଥିଲା । ଏବେ ଆଉ ସେହି ସମୟ ନାହିଁ । ଘାଟିରେ କାଁ ଭାଁ ସ୍ଥାନରେ ଏବେ ଗଛ ଦେଖିବାକୁ ମିଳୁଛି । ସେହିପରି ନୂଆ ଗଛ ଲଗାଇବା ଦିଗରେ ବି ଧ୍ୟାନ ଦିଆଯାଉନି । ଏହି କାରଣରୁ କେବଳ ପରିବେଶ କ୍ଷତି ସହୁନାହିଁ, ବଣ୍ଡା ଜନଜାତିଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି । ଯାହାର ଉଦାହରଣ ହେଲା ଜିଲ୍ଲାର ସର୍ବାଧିକ ଦାଦନ ବଣ୍ଡାଘାଟିରୁ ଯାଉଛନ୍ତି ।

## ଗ୍ରାମାଞ୍ଚଳରେ ପଡୁଛି ସହରାଞ୍ଚଳର ଅଳିଆ:ଦୀର୍ଘ ଦିନ ପରେ ମଧ୍ୟ ତିଆରିହେଉନି ଡମ୍ପିଙ୍ଗୟାର୍ଡ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳରେ ସହରାଞ୍ଚଳର ଅଳିଆ ଜମୁଛି । ନିର୍ଦ୍ଦିଷ୍ଟ ସ୍ଥାନ ନଥିବାରୁ ଅଳିଆ ବୋହିବା ଗାଡି ୬୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ପକାଇ ପଳାଉଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅଭିଯୋଗ ଅନୁସାରେ, ବୋରିଗୁମ୍ମା ସହରରେ ଆଜିଯାଏ ସ୍ଥାନାଭାବ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ବର୍ଜ୍ୟବସ୍ତୁ ପରିଚାଳନା (ସଲିଡ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ) ବ୍ୟବସ୍ଥା କରିବାକୁ ଅକ୍ଷମ ହୋଇଛି ପ୍ରଶାସନ । ସହରର ବର୍ଜ୍ୟବସ୍ତୁକୁ ପୂର୍ବରୁ ମୃତ୍ତିକା ସଂରକ୍ଷଣ ବିଭାଗ ପଛପଟେ ପକାଇଦେବା ପରେ କିଛିଦିନ ବ୍ୟବଧାନରେ ଏହାକୁ ନିଆଁ ଲଗାଇ ପୋଡି ଦେଉଥିଲେ । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖାଦେବା ପରେ ଏହା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା । ତେଣୁ ପ୍ରଶାସନ ପକ୍ଷରୁ ଆଉ କୌଣସି ଜାଗାକୁ ଡମ୍ପିଂୟାର୍ଡ଼ ଚିହ୍ନଟ ନକରି ସେହି ସ୍ଥାନରେ ଡମ୍ପିଂୟାର୍ଡ କରିବା ସହିତ ଏଠାରେ ସମସ୍ତ ଅଳିଆ ପକାଇବାକୁ ବୋଧେ ନିଷ୍ପତ୍ତି ନେଇଥିଲେ । ଏହି ସ୍ଥାନରେ ଦୀର୍ଘ ଦିନ ହେଲା ସହରାଞ୍ଚଳର ସମସ୍ତ ଅଳିଆ ପଡୁଥିଲା । କିନ୍ତୁ, ବର୍ଷା ଯୋଗୁ ସେ ଅଳିଆ ଆଉ ପୋଡାଯାଇ ପାରୁନାହିଁ । ଏବେ ପଞ୍ଚାୟତର ଅଳିଆ ବୁହା ଗାଡି ଉକ୍ତ ଡମ୍ପିଂୟାର୍ଡ ନିକଟକୁ ନଯାଇପାରି ୬୩ନଂ ଜାତୀୟ ରାଜପଥର ମୃତିକା ସଂରକ୍ଷଣ ବିଭାଗ ସାମ୍ନାରେ ସମସ୍ତ ଅଳିଆକୁ ପକାଇ ପଳାଉଛନ୍ତି । ଏହା ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି । ତେଣୁ ଉକ୍ତ ରାସ୍ତାରେ ଯିବାଆସିବା କରିବା ପଥାରୋହୀଙ୍କ ପାଇଁ ଦୁର୍ବିସହ ହୋଇପଡୁଛି । ସୂଚନାଯୋଗ୍ୟ, ଉକ୍ତ ସ୍ଥାନଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଛି ଏକ ବେସରକାରି ଆଇଟିଆଇ । ସେହିପରି ଅଳ୍ପ ଦୂରରେ ରହିଛି ଏକ ପେଟ୍ରୋଲ ପମ୍ପ । ଏକ ହୋଟେଲ ମଧ୍ୟ ଅନତି ଦୂରରେ ରହିଛି । ଏହାବ୍ୟତୀତ ଏହି ରାସ୍ତା ଦେଇ ଲୋକେ ବୋରିଗୁମ୍ମା-ଜଗଦଲପୁର ଯିବାଆସିବା କରିଥାନ୍ତି । ହେଲେ ଏପରି ସମସ୍ୟା ସୃଷ୍ଟି ହେବାପରେ ଏହାକୁ ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ନାହିଁ କି ଜିଲ୍ଲା ପ୍ରଶାସନର ଚିନ୍ତାନାହିଁ । ଏହାଦ୍ୱାରା କେବଳ ଯେ ପରିବେଶ ପ୍ରଦୂଷଣ ହେଉଛି ତାହା ନୁହେଁ ବରଂ ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟକଳାପ ମଧ୍ୟ ଏଠାରେ ବଢି ଚାଲିଛି । ଏହା ନିକଟରେ ଝିଲିମିଲୀ ଗ୍ରାମକୁ ଯିବା ପାଇଁ ଏକ ରାସ୍ତା ମଧ୍ୟ ଅଛି ତେଣୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହେବାପରେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଯତ୍ନବାନ ନହେଲେ ଆଞ୍ଚଳିକ ବିରୋଧ ମହଙ୍ଗା ପଡିବ ବୋଲି ମତପ୍ରକାଶ ପାଇଛି ।



## 'ମଣିଷ ସମାଜର ସୁରକ୍ଷା କବଚ ହେଉଛି ପ୍ରକୃତି'

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ମଣିଷ ସମାଜର ସୁରକ୍ଷା କବଚ ହେଉଛି ପ୍ରକୃତି ଓ ପ୍ରକୃତି କୋଳରେ ଥିବା ଗଛଲତା । ଗଛଲତାଙ୍କର ସୁରକ୍ଷା ବିନା ମଣିଷ ସମାଜ ସୁରକ୍ଷିତ ହୋଇପାରିବନାହିଁ । ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ପାଇଁ ପ୍ରକୃତିର ସୁରକ୍ଷା ଏକାନ୍ତ ଅନିବାର୍ଯ୍ୟ । ଏହି କ୍ରମରେ ପବିତ୍ର ରକ୍ଷା ବନ୍ଧନ ଅବସରରେ ବିଷମ କଟକ ବ୍ଲକର କାଙ୍କୁବାଡ଼ି ପଞ୍ଚାୟତର ବଣ୍ଡେଇଗୁଡା ଗ୍ରାମର କିଶୋରୀ ଦଳର ସଭ୍ୟମାନେ ନିଜ ଭାଇକୁ ରାକ୍ଷୀ ବାନ୍ଧିବା ପରି ଜଙ୍ଗଲର ଗଛମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେମାନଙ୍କର ମତ ଥିଲା ଯେ ଭାଇ ଯେପରି ଭଉଣୀକୁ ସୁରକ୍ଷା ଦେଇଥାଏ, ଗଛ ସେପରି ସାରା ସମାଜକୁ ସୁରକ୍ଷା ଦେଇଥାଏ । ତେଣୁ ରାକ୍ଷୀ ପୂର୍ଣ୍ଣିମା ପରି ପବିତ୍ର ତିଥିରେ ଗଛକୁ ରାକ୍ଷୀ ପିନ୍ଧେଇ କିଶୋରୀ ଦଳର ସଭ୍ୟମାନେ ପରିବେଶ ସୁରକ୍ଷାର ମହତ୍ ବାର୍ତ୍ତା ଦେଇଛନ୍ତି । ଝିଅ ମାନଙ୍କର ଏପରି କାର୍ଯ୍ୟକୁ ସାଧାରଣରେ ବହୁତ ପ୍ରଶଂସା କରାଯାଉଛି । ଏଲ.ଜି.ଡବ୍ଲ୍ୟୁ.ସି. ଡି.ସି ଓ ଲିଭିଙ୍ଗ ଫାର୍ମସ୍ ଅନୁଷ୍ଠାନ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଅଭିନବ କାର୍ଯ୍ୟକ୍ରମକୁ ରମାକାନ୍ତ ଜେନା, ସୁକାନ୍ତ ବାଗ୍ ପରିଚାଳନା କରିଥିବା ବେଳେ ହେମବତି, ଉରନ୍ତି, ମିନତି, ଅଜନ୍ତି, ରିତା, ଜ୍ୟୋତି, ଝାନ୍ସି, ପ୍ରତିମା ଆଦି ଝିଅମାନେ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ ।

## ଅଜଣା ରୋଗରେ ମରୁଛନ୍ତି କୁକୁଡ଼ା:ଚିନ୍ତାରେ ଚାଷୀ

**ପିପିଲି, ନ୍ୟୁଜ୍ ବ୍ୟୁରୋ**

ପିପିଲି ଅଞ୍ଚଳରେ ଅଜଣା ରୋଗରେ ଦୈନିକ ଶହ ଶହ ସଂଖ୍ୟାରେ ବ୍ରଏଲର କୁକୁଡ଼ା ମରୁଛନ୍ତି । ଏହାକୁ ନେଇ କୁକୁଡା ଚାଷୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । କୁକୁଡା ମଡ଼କର ପ୍ରକୃତ କାରଣ ସମ୍ପର୍କରେ ଅଦ୍ୟାବଧି କୌଣସି ସୂଚନା ମିଳିପାରିନାହିଁ । ଇତିମଧ୍ୟରେ ପଶୁ ସମ୍ପଦ ବିଭାଗ ପକ୍ଷରୁ ମଲା କୁକୁଡ଼ାଙ୍କ ମଳ, ଗଳାର ଲାଳ ଓ ଜିଅନ୍ତା କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି । ମଲା କୁକୁଡାଙ୍କୁ ଏଣେତେଣେ ନଫୋପାଡ଼ି ତାହାକୁ ମାଟିରେ ପୋତିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । ପଶୁସମ୍ପଦ ବିଭାଗ ପକ୍ଷରୁ କୁକୁଡ଼ା ଫାର୍ମଗୁଡ଼ିକୁ ବିଶୋଧନ କରାଯାଉଛି । ତେଇସିପୁର ପଞ୍ଚାୟତର ଆବଲପୁର ଗ୍ରାମର ଏକ କୁକୁଡ଼ା ଫାର୍ମରେ ଗତ ୫ଦିନ ତଳେ ହଠାତ୍ ୫୦ରୁ ଉର୍ଦ୍ଧ୍ୱ ଏବଂ ପରଦିନ ଶହେରୁ ଉର୍ଦ୍ଧ୍ୱ କୁକୁଡ଼ା ମରିଥିଲେ । ଏହାପରେ ପାଖରେ ଥିବା ଅନ୍ୟ ଫାର୍ମରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା । ଔଷଧ ଦେଲେ ମଧ୍ୟ ମୃତ୍ୟୁହାର କମିବା ପରିବର୍ତ୍ତେ ବୃଦ୍ଧି ପାଇବା ଯୋଗୁ ସ୍ଥାନୀୟ ଅଞ୍ଚଳର ବ୍ରଏଲର ଚାଷୀଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି । ଏ ସମ୍ପର୍କରେ ଖବରପାଇ ପିପିଲି ବ୍ଲକ ପଶୁସମ୍ପଦ ବିଭାଗ ପକ୍ଷରୁ ରୋଗ ସଂକ୍ରମିତ କୁକୁଡ଼ା ଫାର୍ମ ପରିଦର୍ଶନ କରାଯାଇଥିଲା । ଫୁଲନଖରା ସ୍ଥିତ ପ୍ରାଣୀସମ୍ପଦ ରୋଗ ଅନୁସନ୍ଧାନ କେନ୍ଦ୍ରର (ଏଡିଆରଆଇ) ବିଶେଷଜ୍ଞମାନେ ଗତ ୨ଦିନ ତଳେ ଆବଲପୁର ଅଞ୍ଚଳର କେତେକ ସଂକ୍ରମିତ କୁକୁଡା ଫାର୍ମ ପରିଦର୍ଶନ କରିଥିଲେ । ମଲା କୁକୁଡ଼ାଙ୍କ ମଳ, ଗଳାର ଲାଳ ଓ ଜିଅନ୍ତା କୁକୁଡାଙ୍କ ରକ୍ତ ନମୁନାକୁ ସଂଗ୍ରହ କରି ପରୀକ୍ଷା ପାଇଁ ଲାବ୍‌କୁ ନେଇଛନ୍ତି । ବହୁ ସଂଖ୍ୟାରେ କୁକୁଡ଼ା ମରିବା ଯୋଗୁଁ କେତେକ ଚାଷୀ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପାର୍ଶ୍ୱରେ ଫୋପାଡି ଦେଇଥିବା ଲକ୍ଷ୍ୟ କରାଯାଇଥିଲା । ଫଳରେ ପଶୁସମ୍ପଦ ବିଭାଗ ପକ୍ଷରୁ ଜେସିବି ଦ୍ୱାରା ମାଟି ଖୋଳାଯାଇ ମଲା କୁକୁଡ଼ାଙ୍କୁ ପୋତାଯାଉଥିବା ସୂଚନା ମିଳିଛି । ସଂକ୍ରମିତ କୁକୁଡ଼ା ଫାର୍ମର ୧ କି.ମି. ପରିସୀମା ମଧ୍ୟରେ ରହିଥିବା ୪୭ରୁ ୨୦ ଫାର୍ମକୁ ଫର୍ମାଲିନ୍ ଦ୍ୱାରା ବିଶୋଧନ କରାଯାଇଛି । ଫାର୍ମରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ରାସ୍ତାରେ ନଫୋପାଡ଼ି ସେସବୁକୁ ମାଟି ଖୋଳି ପୋତିବା ପାଇଁ ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । ରିପୋର୍ଟ ଆସିବା ପରେ ଏହାର ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପିପିଲି ବିଡିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ସଂକ୍ରମଣ ଯେପରି ଅନ୍ୟ ଅଞ୍ଚଳକୁ ନବ୍ୟାପିବ ସେ ଦିଗରେ ବିଭାଗ ପକ୍ଷରୁ ପ୍ରାଥମିକତା ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି । ପିପିଲି ଭଳି ଡେଲାଙ୍ଗ ବ୍ଲକର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ମଧ୍ୟ ଅଜଣା ରୋଗରେ ଦୈନିକ ଶହ ଶହ କୁକୁଡ଼ା ମରୁଥିବା ସମ୍ପର୍କରେ ପୋଲଟ୍ରି ଫାର୍ମର୍ସ ଡେଭଲପମେଣ୍ଟ ଫୋରମ୍, ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ା ସୂଚନା ଦେଇଛନ୍ତି । ଏହାର ଜରୁରୀ ପ୍ରତିକାର ପାଇଁ ରାଜ୍ୟ ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଶ୍ରୀ ପରିଡ଼ା ଦାବି କରିବା ସହ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ନିବେଦନ କରିଛନ୍ତି ।

### ।।।।। ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ।।।।।

## ଭାଗବତ ଜୀବନ ଚରିତର ଅମୃତ ଭାଷା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



କଲ୍ୟାଣୀ ନଗର ସ୍ଥିତ ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶଙ୍କ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର "ସିଂହ ସଂକ୍ରାନ୍ତି ଆସର" ଅନୁଷ୍ଠିତ ହୋଇଯାଇଛି । ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ଉଦ୍‌ଘାଟନରେ ଅନୁଷ୍ଠିତ "ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସ" ଶୀର୍ଷକ ଆଲୋଚନା ଚକ୍ରରେ ଭାଗବତ ଜୀବନ ଚରିତର ଅମୃତ ଭାଷା ବୋଲି ମତ ପ୍ରକାଶ ପାଇଥିଲା । ଜଗନ୍ନାଥ ଦାସଙ୍କ ଲେଖନୀ ମୂନରେ ମାତା ଶାରଦା ବା ସରସ୍ୱତୀଙ୍କର ଆଶୀର୍ବାଦ ସ୍ୱରୂପ ହେଲା ଭାଗବତ ଓ ଏହାର ସରଳଭାଷା, ଯାହାକି ପ୍ରତ୍ୟେକ ପଦ ମାନବ ସମାଜ ପାଇଁ ନୀତିଶିକ୍ଷା ଓ ସୁଚଳନୀର ପଥ ଦେଖାଇଥାଏ । ଏଣୁ ଜଗନ୍ନାଥ ଦାସ କୃତ ଶ୍ରୀମଦ୍ ଭାଗବତ ଓଡ଼ିଆ ଜାତିର ଅସ୍ମିତା ମୁଖ୍ୟବକ୍ତା ପ୍ରବଠକ ଦୟାନିଧି ବେହେରା, ମୁଖ୍ୟ ଆଲୋଚକ ଅଧ୍ୟାପକ ନୀହାର ରଞ୍ଜନ କର, ମୁଖ୍ୟ ଅତିଥି ଶୀକ୍ଷାବିତ୍ ବାବୁଲାଲ୍ ଦାସ, ଶିକ୍ଷାବିତ୍ କୃପାସିନ୍ଧୁ ନାୟକ, ଇଂ ରବିନ୍ଦ୍ର କୁମାର ଜେନା, ପାର୍ଥସାରଥି ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ନାରାୟଣ ଚନ୍ଦ୍ର ପାଢ଼ୀ, ମଧୁସୂଦନ ମହାପାତ୍ର, ମାଧବଚନ୍ଦ୍ର ଜେନା ପ୍ରମୁଖ ମତବ୍ୟକ୍ତ କରିଥିଲେ । ଶିଶୁକବି ଡ. ଅରୁଣ କୁମାର ପଣ୍ଡାଙ୍କର ଶିଶୁପୁସ୍ତକ "ବହିମେଳା" ଉନ୍ମୋଚନ କରିଥିଲେ ଓ ପୁସ୍ତକଟି ଶିଶୁ ବୋଧଗମ୍ୟ ହୋଇଛି ବୋଲି କହିଥିଲେ । ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ କବି ସଂଯୁକ୍ତା ବଳ ନୟାକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଅବସରରେ ବୈକୁଣ୍ଠନାଥ ଓଝା, ଶଶିକାନ୍ତ ବେହେରା, କୈଳାଶଚନ୍ଦ୍ର ଜେନା, ଗୌରାଙ୍ଗ ଚନ୍ଦ୍ର ବାରିକ, ବିଳାସିନୀ ମହୁରୀ, ସସ୍ମିତା ସାହୁ, ଜଗନ୍ନାଥ ରାଉତ, ଅଂଶୁମାନ ସ୍ୱାଇଁ, ଜଗନ୍ନାଥ ନାୟକ, କୈଳାସ ଦାସ, ଇଂ ଦେବୀକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ମନୋଜ ମିଶ୍ର, ବିଜୟ ବହଳୀ, ବିପ୍ଲବ କୁମାର ହୋତା, ସର୍ବୋଦୟ କର୍ମୀ ଅମର କୁମାର ପାଣିଗ୍ରାହୀ, ଉମାକାନ୍ତ ମହାଳିକ, ସାଲଖି ମୁର୍ମୁ, ସୁକାନ୍ତ କୁମାର ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରକୃତକବି ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ, ସହସମ୍ପାଦିକା ମମତାରାଣୀ ଦାଶ୍ ବେଦପାଠ ଓ ମଞ୍ଚ ପରିଚାଳନା, ଶେଷରେ ଶିକ୍ଷାବିତ୍ ଆଶୁତୋଷ କରଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାଡ଼ାବାନ୍ତିରେ କାଶୀପୁରରେ ଜଣେ ମୃତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକକୁ ପୁଣି ଲେଉଟିଛି ଝାଡ଼ାବାନ୍ତି । ପ୍ରତିବର୍ଷ ଝାଡ଼ାବାନ୍ତିରେ ବହୁ ଲୋକ ପ୍ରାଣ ହରାଉଥିବା ବେଳେ ଗତ ମାସରେ ଝାଡ଼ାବାନ୍ତି ସଂକ୍ରମଣରେ ଗୋରଖପୁର ପଞ୍ଚାୟତ ଲାମ୍ବିରି ଗ୍ରାମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା । ଶଙ୍କରଡ଼ା ପଞ୍ଚାୟତ ରାଉଳିଗାଁ ବେଣ୍ଡି ମାଝୀ (୮୦)ଙ୍କ ଝାଡ଼ାବାନ୍ତିରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସେଭଳି ରାଉଳିଗାଁରେ ଆହୁରି ୮ଜଣ ଝାଡ଼ାବାନ୍ତିରେ ସଂକ୍ରମିତ ଥିବା ରାୟଗଡା ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି  ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରାଉଳି ଗ୍ରାମର ତୁମେଶ୍ୱର ସାହୁଙ୍କ ଝିଅ ଜାଳନ୍ତି ସାହୁ (୧୮) ଚିକିତ୍ସିତ ହେଉଛନ୍ତି । ଟିକିରିର ୫ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଟିକିରି ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସେହିପରି କଲ୍ୟାଣସିଂହପୁର ବ୍ଲକ ସିରିପାଇ ପଞ୍ଚାୟତର ଭାଲୁମସ୍କା ଗାଁର ଜଗା ମାଝିଙ୍କ ସ୍ତ୍ରୀ ସୀତା ଦେଇ ମାଝୀ (୪୫) ଗୁରୁତର ହୋଇ ରାୟଗଡାରେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ପ୍ରତିବର୍ଷ କାଶୀପୁର ବ୍ଲକରେ ଲୋକଙ୍କ ଜୀବନ ଯାଉଥିଲେ ବି ସ୍ଥାୟୀ ପ୍ରତିକାର କିଛି କରାଯାଉ ନଥିବା ଅଭିଯୋଗ ହେଉଛି ।

## ପ୍ରଥମ ଜିଲ୍ଲା ମତସୋଗିଡୁ ଚମ୍ପିଆନ୍‌ସିପ୍-୨୦୨୪ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମତସୋଗିଡୁ ଆସୋସିଏସନ୍ ତରଫରୁ ବୁଦ୍ଧମନ୍ଦିର ପରିସରରେ ପ୍ରଥମ ମତସୋଗିଡୁ ଚମ୍ପିଆନ୍‌ସିପ୍-୨୦୨୪ ଉଦ୍‌ଘାଟିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ଅନୁଷ୍ଠାନରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିବା ବେଳେ ଆସୋସିଏସନ୍‌ର ସଭାପତି ସୂର୍ଯ୍ୟ ପ୍ରକାଶ ପତି ଏବଂ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାହୁ, ଜୟକୃଷ୍ଣ ପରିଡ଼ା, ମନୋରଞ୍ଜନ ପାତ୍ର, ଶକ୍ତି ପତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ଅଫିସିଆଲ ଭାବେ ରାଜେଶ କୁମାର ବିଶ୍ୱାଳ, ଆଶୁତୋଷ କୁମାର ସାହାଣୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । କୈଳାସ ବାରିକ, ଅମର ନାହାକ, ତରୁଣ କୁମାର ସାହୁ, କିରଣବାଳା ବିଶ୍ୱାଳ, କଇମୁର ଖାନ୍, ରଶ୍ମିତା ରାଉତ, ଋତୁରାଜ ରଥ, ଲଳିତ କୁମାର ନାୟକ ରେଫରୀ ଭାବେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ । ଏଥିପାଇଁ ଭୁବନେଶ୍ୱର ମତସୋଗିଡୁ ଆସୋସିଏସନ୍‌ର ସମ୍ପାଦକ ଦୁର୍ଲ୍ଲଭ ବେହେରା ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ବିରଳ ଅଶ୍ୱଖୁରା କଙ୍କଡ଼ାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ୍**

ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଥିବା ବିରଳ ଅଶ୍ୱଖୁରା କଙ୍କଡ଼ାର ସଂରକ୍ଷଣ ଓ ଏ ସମ୍ପର୍କରେ ଅଧିକ ଗବେଷଣା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ସହ ବାୟୋସାଇନ୍ସ ଓ ବାୟୋ ଟେକ୍ନୋଲୋଜି ବିଭାଗର ମିଳିତ ସହଯୋଗ ଦ୍ୱାରା ଆୟୋଜିତ ଏକ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରୋକ୍ଷ ସଭାପତିତ୍ୱ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ଏହି ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଥିଲା । ଆମନ୍ତ୍ରିତ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଧୃତି ବାନାର୍ଜୀ, ଡନ୍ ବସ୍କୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଶୁଶୀଲ କୁମାର ଦତ୍ତ, ଆରସିସିଏଫ-ବାରିପଦାର ପ୍ରକାଶ ଚାନ୍ଦ ଗୋଗିନେନୀ, ଡବ୍ଲ୍ୟୁ.ଆଇ.ଆଇ. ର ପୂର୍ବତନ ବୈଜ୍ଞାନିକ ବି.ସି ଚୌଧୁରୀ, ଗୋଆ ସ୍ଥିତ ଏନ.ଆଇ.ଓ ର ପୂର୍ବତନ ବୈଜ୍ଞାନିକ ଡ଼କ୍ଟର ଅନୀଲ ଚାଟାର୍ଜୀ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ହର୍ଷ ସୁ କଙ୍କଡ଼ାର ନିୟମିତ ମନିଟରିଂ ପ୍ରୋଗ୍ରାମ, ବାସସ୍ଥାନ ପୁନରୁଦ୍ଧାର ପ୍ରକଳ୍ପ ଏବଂ ଶିକ୍ଷାଗତ ଗବେଷଣାତ୍ମକ ପାଇଁ ପଦକ୍ଷେପ ଆଦି ଅନ୍ତର୍ଭୁକ୍ତ କରାଯାଇଛି । ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ସହଯୋଗୀ ପ୍ରୟାସ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହର୍ଷ ସୁ କଙ୍କଡ଼ାକୁ ଦୀର୍ଘସ୍ଥାୟୀ ବଞ୍ଚାଇବା ନିଶ୍ଚିତ କରିବାକୁ ବୈଜ୍ଞାନିକ, ସଂରକ୍ଷଣବାଦୀ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ସମେତ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗୀତା ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଥିଲା । ଅଂଶଗ୍ରହଣକାରୀ ମାନେ ତଥା ସ୍ଥାନୀୟ ସଂରକ୍ଷଣ ବିଶେଷଜ୍ଞ କହିଛନ୍ତି, ଏହି କର୍ମଶାଳା ଆମମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏକ ଆଖି ଖୋଲିଛି । ଏଠାରେ ଆହରଣ ଯାଇଥିବା ଜ୍ଞାନ ନିଃସନ୍ଦେହରେ ହର୍ଷ ସୁ କଙ୍କଡ଼ାର ସୁରକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ସାମୁଦ୍ରିକ ଜୀବବିଜ୍ଞାନୀ ତଥା ବକ୍ତା କହିଛନ୍ତି, ହର୍ଷ ସୁ କଙ୍କଡ଼ା ଆମର ଉପକୂଳ ଇକୋସିଷ୍ଟମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ, ଏଣୁ ସେମାନଙ୍କ ବଞ୍ଚିବା ନିଶ୍ଚିତ କରିବା ପାଇଁ ଆମେ ମିଳିତ ଭାବରେ କାର୍ଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହର୍ଷ ସୁ କଙ୍କଡ଼ା ସଂରକ୍ଷଣ ସଂପର୍କିତ ଏହି କର୍ମଶାଳା ଏକ ଚମତ୍କାର ସଫଳତା ଥିଲା, ବିଭିନ୍ନ ହିତାଧିକାରୀଙ୍କୁ ଏକତ୍ରୀତ କରି ଏହି ପ୍ରାଚୀନ ତଥା ପରିବେଶଗତ ଗୁରୁତ୍ୱପୂର୍ଣ୍ଣ ଜୀବମାନଙ୍କର ସୁରକ୍ଷା ପାଇଁ ରଣନୀତି ପ୍ରସ୍ତୁତ କରିବା ପାଇଁ ଆଲୋଚନା କରିଥିଲେ ବୋଲି ବିଭାଗ ମୁଖ୍ୟ ସୂଚିତ କରିଛନ୍ତି । ଭବିଷ୍ୟତ ପିଢି ପାଇଁ ହର୍ଷ ସୁ କଙ୍କଡ଼ାର ବର୍ଦ୍ଧିତ ସଂଖ୍ୟାକୁ ସୁରକ୍ଷିତ ରଖିବା ପାଇଁ ନିରନ୍ତର ସଂରକ୍ଷଣ ପ୍ରୟାସ ଏବଂ ସଚେତନତା ଗୋଷ୍ଠୀର ସମ୍ପୃକ୍ତି ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା । ଏହା ସ୍ଥାନୀୟ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



## ବୋରିଗୁମ୍ମା-ରାଣୀଗଡ଼-କୋରାପୁଟ ରାସ୍ତା ମରଣଯନ୍ତା ପାଲଟିଛି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବୋରିଗୁମ୍ମାରୁ କୋରାପୁଟ ଯିବାକୁ ହେଲେ ଏହି ରାସ୍ତା ଦୂରତା କମାଉଛି । ତେବେ ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ ପାର୍ଶ୍ୱରେ ରହିଥିବା ଏହି ରାସ୍ତା ଏବେ ବିପଦପୂର୍ଣ୍ଣ ହୋଇଯାଇଛି । ତେଣୁ ତୁରନ୍ତ ମରାମତି ନିମନ୍ତେ ଜୟପୁର, ବୋରିଗୁମ୍ମା ଓ କୋରାପୁଟ ବ୍ଲକର ୭ ପଞ୍ଚାୟତର ଲୋକ ଦାବି କରିଛନ୍ତି । ଏତେ ମାତ୍ରାରେ ଖାଲଖମା ରହିଛି ଯେ ଗାଡ଼ି ଚଳାଚଳ ପାଇଁ ରାସ୍ତା ଖୋଜିବାକୁ ପଡୁଛି । କେଉଁଠି ଆଣ୍ଠୁଏ ଖାଲରେ ପାଣି ଜମି ରହିଛି ତ ଆଉ କିଛି ସ୍ଥାନରେ ଏତେ ଧୂଳି ଉଡୁଛି ଯେ ଫୁଟେ ଦୂରରେ କ'ଣ ଅଛି ଜାଣିବା ମୁସ୍କିଲ୍ । ବୋରିଗୁମ୍ମାରୁ କୋରାପୁଟ ଦେଇ ଗଲେ ବିଶାଖାପାଟଣା ଛତିଶଗଡ଼କୁ ମଧ୍ୟ ଦୂରତା କମିଯାଉଛି । ତେଣୁ ଏହି ରାସ୍ତାରେ ଦିନକୁ ଦିନ ଗାଡ଼ି ଚଳାଚଳ ବଢ଼ିବାରେ ଲାଗିଛି କିନ୍ତୁ ରାସ୍ତାର ଘାଇଲା ଅବସ୍ଥା ଯୋଗୁଁ ଗାଡ଼ି ବାରମ୍ବାର ଖରାପ ହେଉଛି । ପୂର୍ବରୁ ଏହି ରାସ୍ତାଟି ଛୋଟ ଗାଡ଼ି ଯିବା ଲାଗି ନିର୍ମାଣ ହୋଇଥିଲା । ୩ ବର୍ଷ ତଳେ ଉମୁରୀ ଠାରେ ରେଳପଥ ଦୋହରୀକରଣ କାମ ନିମନ୍ତେ ଏହି ରାସ୍ତାରେ ଭାରୀଯାନ ଯାତାୟାତ ପାଇଁ ଅନୁମତି ମିଳିଥିଲା । ତେବେ ପରବର୍ତ୍ତୀ ସମୟରେ ମଧ୍ୟ ଭାରୀଯାନ ଚଳାଚଳ କରୁଛି । ଯାହାର ପ୍ରଭାବ ଆଖପାଖ ଗାଁ ଉପରେ ଏବେ ପଡୁଥିବାରୁ ମରାମତି ନହେଲେ ଆନ୍ଦୋଳନ ହେବ । କୌଣସି ଗାଡ଼ି ରାସ୍ତାରେ ଚଳପ୍ରଚଳ କରିବାକୁ ଦେବୁନାହିଁ ବୋଲି ଆଖପାଖ ଅଞ୍ଚଳର ଲୋକ ଚେତାବନୀ ଦେଇଛନ୍ତି ।

## ଜଳ ନିଷ୍କାସନ ବାଟ ଅବରୋଧ:ଚାଷୀ ହଟହଟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ତାଙ୍କ ଚାଷ ଜମିରୁ ନିଷ୍କାସନ ବାଟ ପରିଷ୍କାର କରିବାକୁ ଦାବି ଜଣାଇଛନ୍ତି । ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପ୍ରଶସ୍ତି କରଣ ହେଉଥିବାରୁ ଜାତୀୟ ରାଜପଥ କଡରେ ଥିବା ହଜାର ହଜାର ଏକର ଚାଷ ଜମିର ଜଳ ନିଷ୍କାସନ ବାଟକୁ ଠିକାଦାର ରାସ୍ତା ପ୍ରଶସ୍ତି କରଣ ନାମରେ ଅବରୋଧ କରିଛନ୍ତି । ଯାହାଫଳରେ ଜମଧର ପଞ୍ଚାୟତର ଜୁଇଦାସପୁର, କସୋଟୀ, ଇଡିଆଳି, ବଡଗାଁ, ଜଣ୍ଟିଲୋ ପ୍ରମୁଖ ରାଜସ୍ୱ ଗ୍ରାମର ହଜାର ହଜାର ଚାଷୀ ଚାଷ କରିନପାରି ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଜିଲ୍ଲା ଚାଷୀ ଶ୍ରମିକ ସଂଘ ତରଫରୁ ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ତୁରନ୍ତ ଜଳ ନିଷ୍କାସନ ବାଟ ପରିଷ୍କାର କରିବାକୁ ଦାବି ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅଧିକାରୀ ଗୋପୀନାଥ ଦାଶ, ଅଞ୍ଜନ କୁମାର ପଲାଇ, ରଞ୍ଜନ କୁମାର ସାହୁ, ମାନସ କୁମାର ସାହୁ, ଚିତ ରଞ୍ଜନ ନାୟକ, ପଦ୍ମୁମ୍ନ ରାଉତ, ଗଦାଧର ସାହୁ, ମଦନ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।





# ଅର୍ପଣ ଚାଉଳ ଫିଙ୍ଗିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ଅର୍ପଣ ଚାଉଳ ଫିଙ୍ଗିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଘଟଣାର ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ କହିଛନ୍ତି। ଅପରପକ୍ଷେ ଅର୍ପଣ ଚାଉଳ ଫିଙ୍ଗିବା ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ । ସୁଆର ମହାସୁଆର ନିଯୋଗ ରାଇସ୍ ମିଲ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବ ବୋଲି ଗଣମାଧ୍ୟମ ଆଗରେ କହିଥିଲା। କିନ୍ତୁ ନିଯୋଗର କେହି କାର୍ଯ୍ୟକର୍ତ୍ତା ମିଲ୍ ଯାଇନାହାନ୍ତି କି ସ୍ଥିତି ଅନୁଧ୍ୟାନ କରିନାହାନ୍ତି। ଫଳରେ ଅର୍ପଣ ଚାଉଳକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ଯେଉଁ ଗାଡ଼ିରେ ଚାଉଳ ନେଇ କେନାଲ୍ରେ ଫିଙ୍ଗା ଯାଇଥିଲା, ସେହି ଗାଡ଼ିରେ ଅର୍ପଣ ଚାଉଳ ଶ୍ରୀମନ୍ଦିରରୁ ମିଲ୍କୁ ନିଆଯାଇଥିବା ସ୍ପଷ୍ଟ ହୋଇସାରିଛି। କିନ୍ତୁ ସୁଆର ମହାସୁଆର ନିଯୋଗ କହିଥିଲା କି ଯେଉଁ ଚାଉଳ ପିଙ୍ଗାଯାଇଛି, ସେ ଚାଉଳ ଅର୍ପଣ ଚାଉଳ ନୁହେଁ। ଏହି ସନ୍ଦେହ ଦୂର ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ସେହିପରି ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ଘଟଣାସ୍ଥଳ ପରିଦର୍ଶନ କରିନଥିଲେ ବି ନିଯୋଗ ତରଫରୁ କାର୍ଯ୍ୟକର୍ତ୍ତା ମିଲ୍ ସହ ଯୋଗାଯୋଗ କରିଥିଲେ। ମିଲ୍ ପକ୍ଷରୁ ଅର୍ପଣ ଚାଉଳ ସୁରକ୍ଷିତ ଥିବା କୁହାଯାଇଛି। ପରବର୍ତ୍ତୀ ସମୟରେ ଆମେ ମିଲ୍ ପରିଦର୍ଶନ କରିବୁ ଓ ସ୍ଥିତି ଅନୁଧ୍ୟାନ କରିବୁ। ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଅର୍ପଣ ଚାଉଳ ଭକ୍ତଙ୍କ ଭାବାବେଗ ସହ ଜଡ଼ିତ। ଏହି ଅର୍ପଣ ଚାଉଳ ମହାପ୍ରସାଦ ହୋଇ ଲୋକଙ୍କୁ ବିତରଣ କରାଯାଉଥିଲା । କିନ୍ତୁ ଏବେ ସେହି ଚାଉଳ ନଷ୍ଟ ହେଲାଣି। ଯେମିତି ବିଗତ ଦିନରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବିତରଣ କରାଯାଉଥିଲା, ବର୍ତ୍ତମାନର ରାଜ୍ୟ ସରକାର ସେଭଳି ଅର୍ପଣ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବା ଦରକାର । ଏ ଦିଗରେ ସୁଆର ମହାସୁଆର ନିଯୋଗ ସହ ତୁରନ୍ତ ସରକାର ଆଲୋଚନା କରନ୍ତୁ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ମହାପ୍ରଭୁଙ୍କ ନାଁରେ ଗାଁ ଗାଁରୁ ଲୋକେ ଦାନ କରିଥିବା ଚାଉଳ ଆଜି କେନାଲ୍ରେ ଫିଙ୍ଗାହେଲା । ଏହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ପୂର୍ବ ସରକାର ଲୋକଙ୍କ ଭକ୍ତି ଓ ଭାବନାକୁ ନେଇ ଖେଳାଯାଉଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। 'ଭଏସ୍ ଅଫ୍ କମନ୍ ମ୍ୟାନ୍'ର ଶ୍ରୀ ମିଶ୍ର କହିଛନ୍ତି, ଅର୍ପଣ ଚାଉଳକୁ କେନାଲରେ ଫିଙ୍ଗିଦେବା ମହାପାପ ।

## ରାଜଧାନୀରେ ଡେଙ୍ଗୁ ସ୍ଥିତି ଅନୁଧ୍ୟାନ କଲେ ଦିଲ୍ଲୀ ପ୍ରତିନିଧି ଦଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡେଙ୍ଗୁରେ ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି। ସାଂସଦ ନିଜେ ଡେଙ୍ଗୁରେ ଗୁରୁତର ହୋଇ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ତେଣୁ ଦିଲ୍ଲୀରୁ ଦୁଇଜଣିଆ କେନ୍ଦ୍ରୀୟ ପ୍ରତିନିଧି ରାଜଧାନୀର ବିଭିନ୍ନ ହସ୍ପିଟାଲ୍ ଓ ଅଞ୍ଚଳ ବୁଲି ଡେଙ୍ଗୁ ଓ ମ୍ୟାଲେରିଆ ସ୍ଥିତି ଯାଞ୍ଚ କରିଛନ୍ତି । କେନ୍ଦ୍ରୀୟ ପ୍ରତିନିଧି ରିଙ୍କୁ ଶର୍ମା ଓ ଅମିତ କେୟାସ କ୍ୟାପିଟାଲ୍ ହସ୍ପିଟାଲ୍, ବିଏମ୍ସି ହସ୍ପିଟାଲ୍ର ଡେଙ୍ଗୁ ୱାର୍ଡ଼ ଓ ରାଜଧାନୀର ବିଭିନ୍ନ ଡେଙ୍ଗୁ ପ୍ରଭାବିତ ଅଞ୍ଚଳ ବୁଲିବା ସହିତ ସ୍ଥିତି ଯାଞ୍ଚ କରିଛନ୍ତି । ତାଙ୍କ ସହିତ ଯୁଗ୍ମ ନିର୍ଦ୍ଦେଶକ ମଧ୍ୟ ବୁଲିଥିଲେ। ରାଜଧାନୀରେ ଏପର୍ଯ୍ୟନ୍ତ ପ୍ରାୟ ୧୫ ହଜାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ସେଥିରୁ ୪୩୬ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ଏପର୍ଯ୍ୟନ୍ତ ମୋଟ ୧୯,୧୭୩ ନମୁନା ପରୀକ୍ଷା କରାଯାଇଥିବା ବେଳେ ୯୧୯ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଏଥିରୁ କେବଳ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୪୩୬ଜଣ ଚିହ୍ନଟ ହୋଇଥିବା ବେଳେ ୨୬୮ ରୋଗୀଙ୍କର କୌଣସି ତଥ୍ୟ ନାହିଁ। ସେହିପରି ଅନ୍ୟ ଜିଲ୍ଲାରୁ ୪୫ ଓ ଖୋର୍ଦ୍ଧା ଅଞ୍ଚଳରୁ ୧୭୦ ଚିହ୍ନଟ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କ୍ୟାପିଟାଲ୍ ହସ୍ପିଟାଲରେ ଡେଙ୍ଗୁ ୱାର୍ଡରେ ରୋଗୀରେ ଭର୍ତ୍ତି ହୋଇଯାଇଛି । ଡେଙ୍ଗୁ ୱାର୍ଡରେ ୨୦ଟି ଶଯ୍ୟା ରହିଥିବା ବେଳେ ଏବେ ସମସ୍ତ ଶଯ୍ୟାରେ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏହାସହ ୨୩୦ ଜଣ ଡେଙ୍ଗୁ ପରୀକ୍ଷା କରିଥିବା ବେଳେ ୧୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ କ୍ୟାପିଟାଲ୍ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ଡେଙ୍ଗୁ ୱାର୍ଡ ଭର୍ତ୍ତି ହୋଇଯାଇଛି। ରୋଗୀ ଅଧିକ ହେଲେ ଆହୁରି ୫୦ ଶଯ୍ୟା ବିଭିନ୍ନ ୱାର୍ଡରେ ସଂରକ୍ଷିତ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଶଯ୍ୟା ସଂଖ୍ୟାରେ ବୃଦ୍ଧି କରାଯିବ। ହସ୍ପିଟାଲ୍ର ଡେଙ୍ଗୁ ୱାର୍ଡରେ ଥିବା ସମସ୍ତ ରୋଗୀ ରାଜଧାନୀର ନୁହନ୍ତି ବୋଲି ଜଣାପଡ଼ିଛି। । କିନ୍ତୁ ରାଜଧାନୀର ବିଭିନ୍ନ ସ୍ଥାନରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପୂର୍ବରୁ ଖଣ୍ଡଗିରି ଓ ଜାଗମରା ଅଞ୍ଚଳରୁ ଅଧିକ ଚିହ୍ନଟ ହେଉଥିବାବେଳେ ଏବେ ପଟିଆ ଏକ ନମ୍ବରରେ ରହିଛି ବୋଲି ଜଣାପଡିଛି। ସେହିପରି ସହିଦନଗର, ସାଲିଆସାହି ଅଞ୍ଚଳରେ ମଧ୍ୟ ଆକ୍ରାନ୍ତ ରହିଛନ୍ତି।

# ଲୁଟ୍ ଘଟଣାରେ ୨ ଲୁଟେରାଙ୍କୁ ବାନ୍ଧିଲା ପୋଲିସ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**



ମାଲକାନଗିରି ଜିଲ୍ଲା ପଡିଆ ଥାନାରେ ଗତ ୨୦ ତାରିଖରେ ଭାରତ ଫାଇନାନ୍ସ ଇନ୍କ୍ଲୁଜନ୍ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ପକ୍ଷରୁ ଲୋନ୍ ଟଙ୍କା ଲୁଟ୍ ହୋଇଥିବା ଏକ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପଡିଆ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଘଟଣାରେ ୨ଜଣଙ୍କୁ ଗିରଫ କରିଛି ପଡିଆ ପୋଲିସ । ପୋଲିସ ସୂତ୍ରରୁ ଜଣାପଡ଼ିଛି ଭାରତ ଫାଇନାନ୍ସ ନାମକ ପ୍ରାଇଭେଟ୍ କମ୍ପାନୀ ଲୋକଙ୍କୁ ଲୋନ୍ ଦେଉଥିଲା ଏବଂ ଲୋନ୍ ଟଙ୍କା କଲେକ୍ସନ କରି ୨ କର୍ମଚାରୀ ସୂରଜ ସରକାର ଏବଂ ଅନ୍ୟ ଜଣେ ଫେରୁଥିବା ବେଳେ, ଉଣ୍ଡ୍ରକୋଣ୍ଡା ପୋଲ ନିକଟରେ ରାତ୍ରି ସମୟରେ ୩ ଦୁର୍ବୃତ୍ତ ଜୋର୍ଜବରଦସ୍ତ ତାଙ୍କଠାରୁ ଟଙ୍କା ବ୍ୟାଗ୍ ଓ ଟ୍ୟାବ୍ଲେଟ୍ ଛଡ଼େଇ ନେଇ ଚମ୍ପଟ୍ ମାରିଥିଲେ । ପରେ ଗତ ୨୦ ତାରିଖ ଦିନ ଫାଇନାନ୍ସ କମ୍ପାନୀର ମ୍ୟାନେଜର ପଡ଼ିଆ ଥାନାରେ ଏତଲା ଦାଏର କରିଥିଲେ । ଏତଲା ଆଧାରରେ ବ୍ୟାଗ୍ ଭିତରେ ୪ ଲକ୍ଷ ୧୭ ହଜାର ଟଙ୍କା ସହ ଏକ ଟାବ୍ଲେଟ୍ ଥିଲା ଯାହାକି ଲୁଟେରା ଛଡ଼େଇ ନେଇ ଚମ୍ପଟ୍ ମାରିଥିଲେ । ତେବେ ଏନେଇ ପଡ଼ିଆ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲେ । ଯେଉଁଥିରେ ଜଣାପଡ଼ିଥିଲା ଯେ, ଏଜେଣ୍ଟ ସୂରଜ ସରକାର ଥିଲା ଲୁଟ୍ ମାଷ୍ଟର ମାଇଣ୍ଡ ଏବଂ ଜଣେ କର୍ମଚାରୀ ଯିଏ କିଛି ଦିନ ପୂର୍ବରୁ କମ୍ପାନୀ ଛାଡିଥିଲେ । ଉଭୟ ମିଶି ରଚିଥିଲେ ଲୁଟ୍ର ମାଷ୍ଟର ପ୍ଲାନ୍ ତେବେ ତଦନ୍ତ ପରେ ୨ ଅଭିଯୁକ୍ତ ସୁରଜ ସରକାର ଏବଂ ଆଶିଷ ମଣ୍ଡଳଙ୍କୁ ଗିରଫ କରିଛି ପୋଲିସ । ପୋଲିସ ଲୁଟ୍ ମାମଲାର ତଦନ୍ତ ଜାରି ରଖିଛନ୍ତି । ତତ୍ ସଙ୍ଗେ ସଙ୍ଗେ ଲୁଟ୍ ଘଟଣାରେ ସମ୍ପୃକ୍ତ ମାନଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବା ନେଇ ମାଲକାନଗିରି ଏସ୍ଡିପିଓ ସଚିନ୍ ପାଟିଲ୍ ସାମ୍ବାଦିକ ସମ୍ମିଳନୀ କରି ମତବ୍ୟକ୍ତ କରିଛନ୍ତି ।

# ଥାନା ବାବୁଙ୍କୁ ପ୍ରାଣାନ୍ତକ ଆକ୍ରମଣ:କିଛି ଯୁବକ ଅଟକ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ଥାନା ବାବୁଙ୍କୁ ରାଜପଥରେ ସଂଘବଦ୍ଧ ଆକ୍ରମଣ। ଗୁରୁବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲ୍ଲା ଦେଓଗାଁ ଜାତୀୟ ରାଜପଥ-୨୬ରେ ଥିବା ସୋନଗଡ଼ ନଦୀ ପୋଲ ଉପରେ ପ୍ରାଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ତୁଷୁରା ଥାନା ଅଧିକାରୀ ଶଶିଭୂଷଣ ମିଶ୍ର। ତାଙ୍କୁ ଦେଓଗାଁ ଥାନା ପୋଲିସ ଘଟଣାସ୍ଥଳରୁ ଉଦ୍ଧାର କରିଥିବା ବେଳେ କିଛି ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଗୁରୁବାର ସନ୍ଧ୍ୟା ୫.୫୦ରେ ସାଦା ପୋଷାକରେ ଥିବା ଥାନା ଅଧିକାରୀ ଶ୍ରୀ ମିଶ୍ର ଜଣେ ବାଇକ୍ ଚାଳକଙ୍କୁ ବ୍ରିଜ୍ ଉପରେ ଅଟକାଇ ଗାଳିଗୁଲଜ କରିଥିଲେ। ପାଖରେ ଥିବା କିଛି ଯୁବକ ସେଠାକୁ ଦୌଡ଼ି ଆସିଥିଲେ। ତେବେ ଥାନା ଅଧିକାରୀ ଦୀପକ ନାମକ ଜଣେ ଯୁବକର ମୋବାଇଲ୍ ଟାଣି ନେଇ ନଦୀ ଭିତରକୁ ଫିଙ୍ଗି ଦେଇଥିଲେ । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉପସ୍ଥିତ ଯୁବକମାନେ ଥାନାଧିକାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଖବର ପାଇ ଦେଓଗାଁ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତିଆ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ଦେଓଗାଁ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ବରିଷ୍ଠ ପୁଲିସ୍ ଅଧିକାରୀ ସେଠାରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ସମ୍ପର୍କରେ ଏସ୍ଡିପିଓ ପ୍ରଦୀପ ସାହୁ କହିଛନ୍ତି, ଥାନାଧିକାରୀ ଜଣେ ୱାରେଣ୍ଟି ସମ୍ପର୍କରେ ଖୋଳତାଡ଼ କରୁଥିଲେ । ଜଣେ ଯୁବକଙ୍କୁ ସନ୍ଦେହ କରି ପରିଚୟ ଜାଣିବା ପାଇଁ ମୋବାଇଲ୍ ମାଗିଥିଲେ। ଏହି ସମୟରେ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା ।

# ୪ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ୫୫ ହଜାର ଟଙ୍କାର ସହାୟତା ମଞ୍ଜୁର



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପ୍ରତି ମାସର ସମସ୍ତ ସୋମବାରରେ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଧାମନଗର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୦୭ ଜଣଙ୍କ ଠାରୁ ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ୯୬ଟି ବ୍ୟକ୍ତିଗତ ସମସ୍ୟା ଓ ୧୧ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ତନ୍ମଧ୍ୟରେ ୪ ଜଣ ଆବେଦନକାରୀଙ୍କୁ ବୃହତ୍ତର ଚିକିତ୍ସା ନିମନ୍ତେ ରେଡ଼କ୍ରସ୍ ପାଣ୍ଠିରୁ ସମୁଦାୟ ୫୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ। ସେମାନଙ୍କ ମଧ୍ୟରେ ଧାମନଗର ବ୍ଲକ୍ର ଏଲେଙ୍ଗୋରା ଗ୍ରାମର ପାକ୍ଷାଘାତ ରୋଗୀ ନିରୁପମା ସାହୁଙ୍କୁ ୫ ହଜାର, ଧାମନଗରରେ ଫତେପୁର ଗ୍ରାମର ପ୍ରତାପ ରାଉତଙ୍କୁ ଚିକିତ୍ସା ପାଇଁ ୧୫ ହଜାର ଟଙ୍କା, ଧାମନଗର ବ୍ଲକ୍ ଧୁଷୁରୀ ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀପାଳ ଗ୍ରାମର ପରମାନନ୍ଦ ପଣ୍ଡାଙ୍କୁ ପିଲାର ଚିକିତ୍ସା ପାଇଁ ୨୫ ହଜାର ଟଙ୍କା, ଧାମନଗର ବ୍ଲକ୍ର ଡ଼ାଙ୍ଗୁଆ ପାଟଣା ଗ୍ରାମର ରମାକାନ୍ତ ବେହେରାଙ୍କୁ କ୍ୟାନ୍ସର ରୋଗର ଅଧିକ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ ମଞ୍ଜୁର କରିଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ଜଣଙ୍କୁ ହ୍ୱିଲ୍ ଚେୟାର, ୩ ଜଣଙ୍କୁ ବସ୍ ପାସ୍ ଓ ୧ ଜଣଙ୍କୁ ଆଶାବାଡ଼ି ଜିଲ୍ଲାପାଳ ପ୍ରଦାନ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ରାସ୍ତା ମରାମତି, ରାସନ୍ କାର୍ଡ଼, ୫-ଟି ସ୍କୁଲ୍ ନିର୍ମାଣ କାର୍ଯ୍ୟରେ ବିଲ୍ ନମିଳିବା ଆଦି ଭଳି ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ବିଧି ଅନୁଯାୟୀ ସୀମିତ ସମୟ ମଧ୍ୟରେ ସମାଧାନ ପାଇଁ ଜିଲ୍ଲାପାଳ, ଶିବିରରେ ଉପସ୍ଥିତ ଜିଲ୍ଲାସ୍ତରୀୟ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦଉ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ ବେହେରା, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଓ ଧାମନଗର ଏନ୍.ଏ.ସି. ଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର ତହସିଲଦାର ଦୀପକ ଦାସ ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଧାମନଗର ବି.ଡ଼ି.ଓ ବନ ବିହାରୀ ଦିଣ୍ଡା ଏହି ଶିବିର ଆୟୋଜନର ଦାୟିତ୍ୱ ନିର୍ବାହ କରିଥିଲେ।



## ମଦ ଓ ବସ୍ ଦୁର୍ଘଟଣାରେ ଅସୁସ୍ଥ ଓ ଆହତଙ୍କୁ ଭେଟିଲେ ଅବକାରୀ ମନ୍ତ୍ରୀ

**ବ୍ରହ୍ମପୁର/ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଅପରାହ୍ଣରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବ୍ରହ୍ମପୁର ସ୍ଥିତ ଏମ୍କେସିଜି ମେଡିକାଲ୍ କଲେଜ ଗସ୍ତ କରି ଚିକିଟି ମଦ ଘଟଣାରେ ଅସୁସ୍ଥ ବ୍ୟକ୍ତିଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ । ଏଥି ସହିତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ହିଞ୍ଜିଳିକାଟୁ ନିକଟସ୍ଥ ସମରଝୋଲ ଠାରେ ହୋଇଥିବା ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ଡାକ୍ତରଖାନା ଆସିଥିବା ସମସ୍ତ ଆହତଙ୍କୁ ଭେଟିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ସେହିପରି ବିଭିନ୍ନ ଦାବି ନେଇ ଆନ୍ଦୋଳନରତ ଷ୍ଟାଫ୍ ନର୍ସ ଏବଂ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଭେଟି ସମସ୍ତ ଦାବି ବିଚାର ନେଇ ପ୍ରତିଶ୍ରୁତି ଦେଇଥିଲେ । ସମସ୍ତଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏଠାରେ ଉଲ୍ଲେଖ କରିଥିଲେ । ଏହି ଗସ୍ତ ସମୟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାର୍ଥକ ଷଡଙ୍ଗୀ, ମେଡିକାଲ ଅଧୀକ୍ଷକ ସୁଚିତ୍ରା ପାଣିଗ୍ରାହୀ ଓ ପ୍ରଶାସକ ସଂଗ୍ରାମ କେଶରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଇଘର ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନରେ ବିଜେଡ଼ିର ବାଜିମାତ୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକ ଅଧ୍ୟକ୍ଷ ନର୍ବାଚନରେ ବାଜି ମାରିଲା ବିଜେଡ଼ି । ଅଧ୍ୟକ୍ଷ ପଦ ପାଇଁ ବିଜେଡ଼ି ଓ ବିଜେପି ପକ୍ଷରୁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବିଜେଡ଼ି ସମର୍ଥିତ ସମିତିସଭ୍ୟ ଗୁପ୍ତପ୍ରସାଦ ଝାଙ୍କର ଓ ବିଜେପି ସମର୍ଥିତ ସମିତିସଭ୍ୟ ତୃପ୍ତିରଞ୍ଜନ ମାଝୀ ନାମାଙ୍କନ ଦାଖଲ କରିଥିଲେ । ନିୟମ ଅନୁଯାଇ ୧୨.୩୦ ରୁ ୧.୩୦ ଯାଏଁ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପରେ ୨ଟା ସମୟରେ କାଉନ୍ଟିଙ୍ଗ ଆରମ୍ଭ ହୋଇଥିଲା । ପରେ ବିଜୟ ହୋଇଥିବା ପ୍ରାର୍ଥୀଙ୍କ ନାମକୁ ନିର୍ବାଚନ ଅଧିକାରୀ ପ୍ରୀତିରଞ୍ଜନ ରଥ ଘୋଷଣା କରିଥିଲେ । କୋଷକୋଙ୍ଗା ପଞ୍ଚାୟତ ସମିତିସଭ୍ୟ ତଥା ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଗୁପ୍ତ ପ୍ରସାଦ ଝାଙ୍କର ରାଇଘର ବ୍ଲକର ନୂତନ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ବିଜେଡ଼ି ସମର୍ଥିତ ପ୍ରାର୍ଥୀ ବିଜୟୀ ଲାଭ କରିବା ପରେ ରାଇଘର ବ୍ଲକ ବିଜେଡ଼ି ମହଲରେ ଉତ୍ସାହ ଦେବାକୁ ମିଳିଛି । ବିଜେଡ଼ି ସମର୍ଥିତ ପାର୍ଥି ଗୁପ୍ତ ପ୍ରସାଦ ଝାଙ୍କରଙ୍କୁ ୧୬ ଭୋଟ୍ ମିଳିଥିବା ବେଳେ ବିଜେପି ସମର୍ଥିତ ପାର୍ଥିଙ୍କୁ ୭ ଭୋଟ୍ ମିଳିଛି ଓ ଗୋଟିଏ ଭୋଟ୍ ନାକଚ ହୋଇଛି । ବିଜୟ ଖବରରେ କର୍ମୀ ସହଯୋଗୀଙ୍କ ସହ ଜିଲ୍ଲା ବିଜେଡ଼ି ସଭାପତି ରମେଶ ମାଝୀ ରାଇଘରରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ । ଏହାପରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ ଜିଲ୍ଲା ପରିଷଦ ଉପ ସଭାପତି ଲିପିକା ବାରୋଇ, ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଶୁକଦେବ ଗଣ୍ଡ, ଫୁଲସିଂ ଗଣ୍ଡ, ନାନାରା ଖରା ପ୍ରମୁଖ ଉପସ୍ଥିତ ଥିଲେ ।

# କଳିଙ୍ଗା ଘାଟିରେ ଓଲଟିଲା ଟ୍ରକ୍:ଜଣେ ମୃତ, ଜଣେ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରି ଥାନା କଳିଙ୍ଗା ଠାରୁ ତିନି କିମି ଦୂର ବୁଲାଣୀ ଠାରେ ବେଙ୍ଗାଲୁରୁରୁ ବ୍ରହ୍ମପୁର ଯାଉଥିବା ଏକ ମାଲୟ ବୋଝେଇ ଟ୍ରକ୍ର ଆଗ ଚକା ଫାଟିଯିବା ଫଳରେ ଭାରସାମ୍ୟ ହରାଇ ଓଲଟି ପଡିଛି । ଏଥିରେ ହେଲ୍ପରଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି । ଚାଳକ ଓ ହେଲ୍ପର ଉଭୟ ଷ୍ଟେରିଙ୍ଗ ଓ ଲୁହାଚଦର ତଳେ ଚାପି ହୋଇ ରହିଯାଇଥିଲେ । ଖବରପାଇ ଅଗ୍ନିଶମ ବାହିନୀର ହାବିଲ୍ଦାର ଶିବରାମ ବିଶ୍ୱାଳ ଓ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ୍ରେ କାଟି ଉଭୟଙ୍କୁ ଉଦ୍ଧାର କରିଥଲେ । ହେଲ୍ପର ଛୋଟୁ (୧୮)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଚାଳକ ଅଦନାନ (୨୦)ଙ୍କୁ ଗୁରୁତର ଭାବେ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ଜି.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ତେବେ ଉଭୟ ଆନ୍ଧ୍ରର ବୋଲି ଜଣାପଡିଛି । ଜି.ଉଦୟଗିରି ପୋଲିସ ଏସଆଇ ଅନନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଓ ଦୁର୍ଘଟଣାର ତଦନ୍ତ ଜାରି ରଖିଥିବା ନେଇ ସୂଚନା ପ୍ରଦାନ କରିଛନ୍ତି ।

# ଭତ୍ତା ବୃଦ୍ଧି ପ୍ରତିଶ୍ରୁତି ପାଣିରଗାର:ପ୍ରତିବାଦରେ ବିଜେଡ଼ିର ବିକ୍ଷୋଭ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି ସମର୍ଥକ ଓ ବିଜେଡ଼ି ଛାମୁଆ ସଂଗଠନ ନେତୃମଣ୍ଡଳୀ କର୍ମକର୍ତ୍ତାଙ୍କୁ ନେଇ ରାଜ୍ୟ ମୋହନ ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ନେତୃମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଦାବିପତ୍ର ଦ୍ୱାରା ଅବଗତ କରାଇଛନ୍ତି । ଯେଉଁ ସାଧାରଣ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ସ୍ୱରୂପ ଭତ୍ତା ବୃଦ୍ଧି ଆଜି ପର୍ଯ୍ୟନ୍ତ ନହେବା ଏବଂ ଇସ୍ତାହାରରେ କୁହାଯାଇଥିଲା ଯେ ଡବଲ ଇଂଜିନ ସରକାର ଆସିଲେ ସମସ୍ତ ବର୍ଗର ହିତାଧିକାରୀଙ୍କୁ ଭତ୍ତା ବଢ଼ାଇବୁ । ଏସବୁ ପ୍ରତିଶୃତି ସବୁ ପାଣିରଗାର ସଦୃଶ ହୋଇଗଲା । କେବଳ ୮୦ ବର୍ଷ ଉର୍ଦ୍ଧ୍ୱ ବୃଦ୍ଧା ଉଭୟ ପୁରୁଷ ମହିଳାଙ୍କ ଓ ଭିନ୍ନକ୍ଷମ ମାନଙ୍କ ଭତ୍ତା ଟଙ୍କା ୩୦୦୦ ଓ ୩୫୦୦ କଲେ ଅନ୍ୟ ହିତାଧିକାରୀଙ୍କୁ ନିରାଶ କରିବା ସହିତ ଠକିଦେଲେ । ଉକ୍ତ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଏଚଡ଼ି ସି. ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପ୍ରୀତିନନ୍ଦା କାନୁନ୍ଗୋ, ମହିଳା ସଭାପତି ଦୀପ୍ତିଲତା ମିଶ୍ର, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବ କୃଷି ନିଗମ ଚେୟାରମେନ୍ ଦେବାଶିଷ ମହାନ୍ତି, ପୂର୍ବତନ ଏମ୍ସିସି ବ୍ୟାଙ୍କ ପ୍ରେସିଡେଣ୍ଟ ସୁବ୍ରମଣ୍ୟମ୍ ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ମଳୟ ଜେନା, ଅନନ୍ତ ଦାସ, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାଏକ, ନିରୋଜ ସାହୁ, ଶ୍ରାବଣୀ ଦାସ, ସବିତା ବେହେରା, ଆଶ୍ରିବାଦ ବେହେରା, ଜୀତ ପଟ୍ଟନାୟକ, ଶୈଳେନ୍ଦ୍ର ପାତ୍ର, ପ୍ରଭାତ ମହାନ୍ତି, ଦେବାଶିଷ ପାତ୍ର, ମହେଶ ଭଞ୍ଜଦେଓ, ପ୍ରଭାତୀ ପୃଷ୍ଟି, ଗୀତା ସିଂ, ପୂଜା ତରାଇ, ସ୍ୱରୂପ ପଟ୍ଟନାୟକ, ଏମ. ପପୁ, ସମେତ ବାରିପଦା ପୌରପାଳିକା ଅଧିନସ୍ଥ ସମସ୍ତ ୱାର୍ଡ କାଉନ୍ସିଲର ଯୋଗଦେଇଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୪।୮।୨୦୨୪, ଭାଦ୍ରବ ଦି୯ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୫।୨୯।୨୧ **ଚନ୍ଦ୍ରୋଦୟ-** ରାଘ୯।୩୨।୧୦

**ପଞ୍ଚମୀ-** ପ୍ରାଘ ୭।୫୨ ପର୍ଯ୍ୟନ୍ତ । ଷଷ୍ଠୀ କ୍ଷୟ, **ଅଶ୍ୱିନୀ ନକ୍ଷତ୍ର-** ସଂଘ ୬।୦୬ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ପ୍ରାଘ ୭।୫୨ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଘ ୧।୦୪ ମଧ୍ୟେ । ରାଘ ୮।୨୨ ଗତେ ଘ୧୦।୪୦ ମଧ୍ୟେ । **ପର୍ବୋତ୍ସବ -** ଶ୍ରୀ ମନ୍ଦିରେ ରେଖା ପଞ୍ଚମୀ, ତ୍ର୍ୟହ ସ୍ପର୍ଶତିଥି ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଲାଭବାନ୍ ହେବେ ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ହଠାତ୍ ଶୁଭ ଖବର ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ସ୍ୱାଭିମାନୀ ହେବେ । ଦୂରଯାତ୍ରା କରିପାରନ୍ତି ।



**ମିଥୁନ:** ବାଧା ପ୍ରତିବନ୍ଧକ ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଲୋକପ୍ରିୟତା ଅର୍ଜନ କରିବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**କର୍କଟ:** ଯଶଖ୍ୟାତି ଅର୍ଜନ କରିବେ । ଶରୀର ସୁସ୍ଥ ରହିବ । ଆର୍ଥିକ ସ୍ଥିତିରେ ଉନ୍ନତିର ଆଶା କରାଯାଏ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପିଲାମାନେ ପାଠପଢ଼ାରେ ଆଗେଇବେ । ମହିଳାମାନେ ସୁଖୀ ହେବେ ।



**ସିଂହ:** ବିବାଦର ସମ୍ମୁଖୀନ ହେବେ । ସେବା କାର୍ଯ୍ୟରେ ଯୋଗଦେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ଅଧିକ ହୋଇପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।



**କନ୍ୟା:** ପାରିବାରିକ କଳହ ନେଇ ମନରେ ଦୁଃଖ ଦେଖାଦେଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି ।



**ତୁଳା:** ମାନସିକ ସ୍ତରରେ ଦ୍ୱନ୍ଦ୍ୱର ଶିକାର ହୋଇପାରନ୍ତି । କର୍ମକ୍ଷେତ୍ରରେ ଜୟଯୁକ୍ତ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**ବିଛା:** ପରୋପକାରୀ ହେବେ । କଠିନ ପରିଶ୍ରମର ସମ୍ମୁଖୀନ ହୋଇପାରନ୍ତି । ଆୟର ପରିମାଣ ବଢ଼ିବାର ସୂଚନା । ପାରିବାରିକ ଆନନ୍ଦ ଲାଭ ହେବ । ବିବାଦ କ୍ଷେତ୍ରରେ ଅବସାନ ଘଟିବ । ମନ ଭଲ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । ହଠାତ୍ ଧନ ପ୍ରାପ୍ତି ହୋଇପାରେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନ କରିବେ । ଶତ୍ରୁ ନାଶ ହେବେ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମକର:** କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି । ଶରୀର ସୁସ୍ଥ ରହିବ । ଆୟ ଯୋଗ ରହିଛି । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ । ଶତ୍ରୁଙ୍କ ପରିମାଣ ବଢ଼ିବ । ମନ ଭଲ ରହିବ ।



**କୁମ୍ଭ:** ମନ ପ୍ରସନ୍ନ ରହିବ । ବିବାଦୀୟ ଘଟଣାରେ ବିଜୟୀ ହେବେ । ଯଶ ଲାଭ ହେବ । ବନ୍ଧୁଙ୍କ ଠାରୁ ସମ୍ମାନିତ ହେବେ । ଦୂରଯାତ୍ରା କରିପାରନ୍ତି । ପିଲାମାନଙ୍କ ପାଠ ପଢ଼ାରେ ମନ ଦେବେ ।



**ମୀନ:** ଦୀର୍ଘ ଦିନର ଆଶା ଆପଣଙ୍କର ପୂରଣ ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଲାଭ ହେବ । ମନ ଭଲ ରହିବ । ସାମାଜିକ ସ୍ତରରେ ସମ୍ମାନିତ ହେବେ ।

# ବରଗଡ଼ ଜୀବନଯାତ୍ରା ବ୍ୟାହତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଭାରତ ବନ୍ଦର ପ୍ରଭାବ ବରଗଡ଼ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ୍ ସମେତ ସହରାଞ୍ଚଳ ଗୁଡ଼ିକରେ ଦେଖିବାକୁ ମିଳିଥିଲା । ଏହି ବନ୍ଦରେ ଜରୁରୀ କାଳୀନ ସେବା ବ୍ୟତୀତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକ ସମେତ ସମସ୍ତ ଦୋକାନ ବଜାର ଓ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ତେବେ ସୁପ୍ରିମକୋର୍ଟ ଏସ୍ସି/ଏସ୍ଟିଙ୍କ ସଂରକ୍ଷଣ ଉପରେ ଆଣିଥିବା ରାୟକୁ ପ୍ରତିବାଦ କରି ବନ୍ଦ ପାଳନ କରାଯାଇଥିବା ବେଳେ ଏହି ରାୟର ପରିବର୍ତ୍ତନ ନହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରୀ ମାନେ ଖୋଲା ଚେତାବନୀ ଦେଇଛନ୍ତି। ବୁଧବାର ସକାଳୁ ପ୍ରଥମେ ଗାନ୍ଧୀ ଛକ, ଭଟଲି ଛକ, ବୀର ଛକ, ଘୁଲିପାଲୀ ଛକ, ରେଲୱେ ଷ୍ଟେସନ୍ ରୋଡକୁ ଯିବାକୁ ଥିବା ରାସ୍ତାକୁ ଆନ୍ଦୋଳନକାରୀମାନେ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନୋଜ କଲେତ, କୁଞ୍ଜବିହାରୀ ଭୋଇ, ଅବିନାସ ବାଗ, ସଞ୍ଜୀବ ସୁନା, ଯୁଧିଷ୍ଠିର ବିଭାର, ଚତୁର୍ଭୁଜ ଭୋଇ, ଅଶୋକ ଛତର, ବିକ୍ରମ ଛତର, କମଳ ତାଣ୍ଡି, ଉର୍କୁଲୁ ତାଣ୍ଡି, ଅଚ୍ୟୁତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୫।୮।୨୦୨୪, ଭାଦ୍ରବ ଦି୧୦ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୫।୨୯।୩୬ **ଚନ୍ଦ୍ରୋଦୟ-** ରାଘ୧୦।୧୮।୦୩

**ସପ୍ତମୀ-** ରାଘ ୩।୪୦ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ଦିଘ ୪।୪୫ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୧୦।୩୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ରାଘ ୧୦।୩୦ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୧୦।୩୦ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୩।୪୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଘ ୯।୪୩ ମଧ୍ୟେ । ଦିଘ ୧।୨୨ ଗତେ ଘ୧।୫୩ ମଧ୍ୟେ । **ପର୍ବୋତ୍ସବ -** ଶ୍ରୀ ମନ୍ଦିରେ ଗର୍ଭୋଦକ ବନ୍ଦାପନା, ଖୁଦୁରୁକୁଣୀ ଓଷା ଆରମ୍ଭ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତୀୟଙ୍କୁ ଗ୍ରୀନ୍ କାର୍ଡ ମିଳିବା କଷ୍ଟକର

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଚଳିତ ବର୍ଷ ନଭେମ୍ବରରେ ହେବାକୁ ଯାଉଛି। ରିପବ୍ଲିକାନ୍ ପାର୍ଟିର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ ରାଜ୍ୟରେ ଆବଶ୍ୟକ ହେଉଥିବା ୧୨୧୫ ଡେଲିଗେଟସ୍ ଙ୍କ ସମର୍ଥନ ହାସଲ କରି ସାରିଛନ୍ତି। ଅପରପକ୍ଷରେ ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ଜୋ ବାଇଡେନ ଆବଶ୍ୟକ ହେଉଥିବା ୧୯୬୮ ଡେଲିଗେଟସଙ୍କ ସମର୍ଥନଠାରୁ ଯଥେଷ୍ଟ ଅଧିକ ୩୯୩୩ ଡେଲିଗେଟସଙ୍କ ସମର୍ଥନ ପାଇଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ନେଇ ଭାରତୀୟଙ୍କ ପାଇଁ ଏକ ଚିନ୍ତାର ବିଷୟ ସାମ୍ନାକୁ ଆସିଛି। ଯଦି ଟ୍ରମ୍ପ ନିର୍ବାଚନରେ ବିଜୟୀ ହୁଅନ୍ତି ତେବେ ଆମେରିକାରେ ବାସ କରୁଥିବା ୧୧ ଲକ୍ଷ ଭାରତୀୟଙ୍କୁ ଗ୍ରୀନ୍ କାର୍ଡ ମିଳିବା କଷ୍ଟକର ହେବ ବୋଲି କୁହାଯାଉଛି। ଏହା ସହିତ ଆମେରିକା ସହିତ ବ୍ୟବସାୟ କରିବା ପାଇଁ ଅଧିକ ଟିକସ ମଧ୍ୟ ଦେବାକୁ ପଡ଼ିବାରେ। ଆମେରିକାରେ ବସବାସ କରିବାକୁ ଯୋଜନା କରୁଥିବା ଭାରତୀୟଙ୍କ ପାଇଁ ଟ୍ରମ୍ପ ପୁଣି ଫେରିବା ସଙ୍କଟ ଆଣିବ ବୋଲି କୁହାଯାଉଛି। ଟମ୍ପଙ୍କ ରିପବ୍ଲିକ୍ ପାର୍ଟିର ରୁଢ଼ିବାଦୀ ଗୋଷ୍ଠୀ ପ୍ରୋଜେକ୍ଟ-୨୦୨୫ ନାମକ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ବୈଧ ପ୍ରବାସୀୟଙ୍କ ପାଇଁ ଭିସା ଏବଂ ଗ୍ରୀନ୍ କାର୍ଡ ପ୍ରଦାନ ଲାଗି କଠୋର ସର୍ତ୍ତର ପ୍ରସ୍ତାବ ରଖାଯାଇଛି। ଟ୍ରମ୍ପଙ୍କ ରାଜନୈତିକ ପରାମର୍ଶଦାତା ଷ୍ଟିଫନ ମିଲର ଏବଂ ହେରିଟେଜ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସ୍ତାବରେ ଇମିଗ୍ରେସନ ଖାରଜ କରିବାର ନିଷ୍ପତ୍ତି ଅଧିକ ସହଜ ହେବ। ଏହା ଲାଗୁ କରିବାକୁ ସଂସଦର ମଞ୍ଜୁରୀର ଆବଶ୍ୟକତା ମଧ୍ୟ ରହିବ ନାହିଁ। ଏହା ଦ୍ୱାରା ଗ୍ରୀନ୍ କାର୍ଡ ପାଇଁ ପ୍ରତୀକ୍ଷା କରିଥିବା ଭାରତୀୟଙ୍କ ସମସ୍ୟା ବଢ଼ିଯିବ ବୋଲି କୁହାଯାଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ ନାମ ମହାତ୍ମ୍ୟ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ

ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍କୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ଟେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ବିଶ୍ୱ ଏବେ ଧ୍ୱଂସମୁଖୀ !



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ବର୍ତ୍ତମାନ ଏ ବିଶ୍ୱ ଆଧୁନିକ କ୍ରୀତଦାସଯୁଗକୁ ଫେରିଆସିଲାଣି । କ୍ରୀତଦାସମାନଙ୍କର ସ୍ୱାଧୀନତା ନଥାଏ – ଏ ଆଧୁନିକ କ୍ରୀତଦାସମାନଙ୍କର ମଧ୍ୟ ସ୍ୱାଧୀନତା ଆଦୌ ନାହିଁ । ଏମାନେ ଜଘନ୍ୟ ଶୋଷଣର ଶିକାର, ଧମକ, ହିଂସା, ବାଧ୍ୟବାଧକତା, ପ୍ରତାରଣାରୁ ମୁକୁଳି ପାରୁନାହାଁନ୍ତି । ବାଧ୍ୟତାମୂଳକ ଶ୍ରମ, ବାଧ୍ୟତାମୂଳକ ବିବାହ, ଋଣବନ୍ଧକ, ବଳପୂର୍ବକ ବେପାର, ଯୌନ ଶୋଷଣ, ମାନବ ଚାଲାଣ, ଶିଶୁମାନଙ୍କୁ ଶୋଷଣ ଓ ଚାଲାଣ, ବିକ୍ରୟ, ନାରୀମାନେ ଖୁଲମ୍‌ଖୁଲ୍ଲା ଅତ୍ୟାଚାରିତ, ସର୍ବୋପରି କ୍ରୀତଦାସ ଭଳି ଜୀବନ । ଏମାନଙ୍କର କୌଣସି ସ୍ୱାଧୀନତା ନାହିଁ । ଏହି ଆଧୁନିକ ଦାସତ୍ୱ ପଛର କାରଣ – ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ଅସମାନତା, କୋଭିଡ-୧୯, ସଂଘର୍ଷ, ଯୁଦ୍ଧ, ଜବରଦସ୍ତ ବାଲ୍ୟବିବାହ, ଅନାଥ ଶିଶୁମାନଙ୍କୁ ଚାଲାଣ ଓ ବିକ୍ରି, ପ୍ରାୟୋଜିତ ଗୋତିଶ୍ରମିକ, ଦାଦନ ଶ୍ରମିକ ଆଦି ଆଧୁନିକ ଦାସତ୍ୱର ଲକ୍ଷଣ।

ଏବେ ସମଗ୍ର ବିଶ୍ୱରେ ଆଠଶହକୋଟି ମଣିଷ । ଏମାନଙ୍କ ମଧ୍ୟରୁ ପାଞ୍ଚଶହକୋଟି ମଣିଷ ଆଧୁନିକ କ୍ରୀତଦାସ । ଧୀରେ ଧୀରେ କ୍ରୀତଦାସଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୁଖୀଦେଶରୁ ଦୁଃଖୀଦେଶ ପର୍ଯ୍ୟନ୍ତ ସବୁଦେଶରେ ଊଣାଅଧିକେ ଆଧୁନିକ କ୍ରୀତଦାସ ଭର୍ତ୍ତି। ଆମେ ସତରେ କ'ଣ ସେଇ ରଜାଜମିଦାର, ସାମନ୍ତବାଦ, ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ଫାସିବାଦ ନାଗଫାଶ ବନ୍ଧନରେ ବାନ୍ଧିହେଇଯାଉଛେ କି ? ଆମ ଭାରତ ମହାନ୍ ଦେଶ । ସୁଖୀ ତାଲିକାରେ ୧୪୬ ଦେଶ ମଧ୍ୟରୁ ପଛକୁ ୧୩୬ ନମ୍ବରରେ ଅଛି । ଆମେ ଦୁଃଖୀ ଭାରତୀୟ । ଆମେ ଛତରଖିଆ, ମାଗଣାଖିଆ ସଂସ୍କୃତିକୁ ମୁଣ୍ଡେଇଧରିଛେ ବୋଲି ଆମ ନାଁରେ ସାରାବିଶ୍ୱରେ ନାଗରା ବାଜୁଛି ।

ଭାରତର ୧୪୨କୋଟି ୮୬ଲକ୍ଷ ଜନସଂଖ୍ୟାରୁ ୯୫କୋଟି ମଣିଷ ଆଧୁନିକ ଦାସତ୍ୱର ଶିକାର । ପ୍ରତି ୩ଜଣରେ ୨ଜଣ କ୍ରୀତଦାସର ଜୀବନ ବିତାଉଛନ୍ତି । କେବଳ ଭାରତ ନୁହେଁ – ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରୁ ବହୁମଣିଷ ଗୋଲାମୀ ମନୋବୃତ୍ତିର। ଆପଣମାନେ ନିଜେନିଜକୁ ପ୍ରଶ୍ନ ପଚାରନ୍ତୁ – ସତରେ କ'ଣ ଆପଣ ସ୍ୱାଧୀନ। ସ୍ୱାଧୀନ ମତବ୍ୟକ୍ତ କରିପାରିବେ କି ? ସତ କହିପାରୁଛେ କି ? ଅନ୍ୟାୟକୁ ଅନ୍ୟାୟ ବୋଲି କଣ୍ଠଫଟାଇ ଚିତ୍କାର କରିପାରୁଛେ କି ? ଆମ ପୁରୁଷମାନେ ଯେତେବେଳେ ଡରୁଆ, ମାଗଣାଖିଆ – ନାରୀମାନେ ସେଥିରୁ ବାଦ୍ ଯିବେ କେମିତି ? ନାରୀମାନେ କ'ଣ ସ୍ୱାଧୀନ? କେତେକ ନାରୀ ସ୍ୱାଧୀନ ହୋଇଗଲେ – ସବୁ ନାରୀ କ'ଣ ସ୍ୱାଧୀନ? ବିଶ୍ୱରେ ପୁରୁଷମାନଙ୍କଠୁ ନାରୀମାନେ ଅଧିକ ସଂଖ୍ୟାରେ ଅଛନ୍ତି। ନାରୀ! ପୁରୁଷର ପଣ୍ୟଶାଳାରେ ଆଜି ବି ପଣବନ୍ଦିନୀ... ସେ ପ୍ରବାସିନୀ । ରୂପ-ତୃଷ୍ଣା-ବେଦନାର ମୂର୍ତ୍ତିମତୀ ପ୍ରକୃତି ସେ – ଦ୍ୱିତୀୟ ପ୍ରକୃତି – ନିରୁଦ୍ଧ ନାରୀତ୍ୱର ଐକାନ୍ତିକୀ ଆକୃତିରେ। କାଳ ପରେ କାଳ, ଯୁଗ ପରେ ଯୁଗ, ସଭ୍ୟତା ପରେ ସଭ୍ୟତାର ଶୋଭାଯାତ୍ରା ଅପସରିଯାଉଛି ବହୁବିଧ ଘଟଣାର ଘୂର୍ଣ୍ଣିବଳୟରେ । ମାତ୍ର ଅକୁହା ରହିଯାଇଛି ଅନେକ କଥା... ନିଭୃତ ନାରୀତ୍ୱର ଅଜସ୍ର ବ୍ୟଥା ! ପଶୁ-ପୁରୁଷର ପଦାନତ ନିଗୃହୀତା ନାରୀ ନିଜ ନିର୍ଯାତନାର କରୁଣ କାହାଣୀ ବୟାନ କରିପାରିବ କାହା ସାମ୍ନାରେ ? ଯେଉଁ ସମାଜ ସାମ୍ନାରେ ନାରୀ ନିଜ ସତ୍ୟପାଠ କରିବାକୁ ଯିବ, ସେ ସମାଜର ଅଧିକର୍ତ୍ତା ତ ପୁରୁଷ! ପୁରୁଷର ସମାଜରେ ସେ କେବଳ ଦାସୀ, କେତେବେଳେ କ୍ରୀତଦାସୀ ତ କେତେବେଳେ ଦେବଦାସୀ... ଘରକୁ ମନ୍ଦିର ମନେକଲାବେଳକୁ ଶେଷରେ ଜାଣେ ଯେ ସେ ମନ୍ଦିର ହେଉଛି ଗୁଡାଏ ନିର୍ଜୀବ ପଥରର ନିର୍ଘାତ ମିଶାଣ ! ଏଇଭଳି ଯେତେବେଳେ ସମଗ୍ର ବିଶ୍ୱର ଅବସ୍ଥା – ଭାରତ ସେଥିରୁ ବାଦ୍ ଯିବ କେମିତି !

ଏଇ ବିଶ୍ୱରେ କ୍ରୀତଦାସ ପ୍ରଥା, କ୍ଷମତା, ସଂପତ୍ତି, ନାରୀପାଇଁ କେତେ ଯେ ଯୁଦ୍ଧ ହୋଇଯାଇଛି – କେତେ ଯେ ବିପ୍ଳବ ସଂଗଠିତ ହୋଇଛି – ଇତିହାସ ତା'ର ମୂକସାକ୍ଷୀ। ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିଠାରୁ ଆଜି ୨୦୨୩ ପର୍ଯ୍ୟନ୍ତ କେତେ ନଦୀରେ କେତେ ଯେ ପାଣି ବୋହିଗଲାଣି, ଦେଶେଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି – ମାଲିକର ଶୋଷଣ ଯଜ୍ଞବେଦୀରେ କେତେ ଯେ ନିରୀହ ମଣିଷ ବଳିପଡିଗଲେଣି – ତାହାର ହିସାବ ନାହିଁ । ଆମେ ବିଶ୍ୱର ଭବିଷ୍ୟବିତ୍ ଫ୍ରାନସ୍‌ର ନୋଷ୍ଟ୍ରାଲଡମସ୍‌ଙ୍କ ଭବିଷ୍ୟବାଣୀ ଶୁଣିଛେ । ସତ ବି ହୋଇଛି । ବିଭିନ୍ନ ଦେଶରେ ଭବିଷ୍ୟବିତ୍‌ମାନେ ଅଛନ୍ତି । କିନ୍ତୁ ଏଇ ଭାରତରେ ଓଡିଶାଭୂଇଁରେ ନୋଷ୍ଟ୍ରାଡମସ୍‌ଠାରୁ ଶହେବର୍ଷ ଆଗରୁ ଯେଉଁ ଭବିଷ୍ୟବାଣୀ ମହାତ୍ମା ହାଡିଦାସ ନିଜ ମାଳିକା ଜରିଆରେ ଶୁଣାଇଥିଲେ – ତାହା ସତ ହୋଇଛି – ଆଗକୁ ମଧ୍ୟ ସତ ହେବାକୁ ଯାଉଛି ଆମେରିକା 'ନାସା' ସଂସ୍ଥା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଗଠନ, ବିଶ୍ୱ ପର୍ଯ୍ୟାବରଣ ସଂଗଠନ ଏବଂ ଜାତିସଂଘମାନେ ମଧ୍ୟ କହୁଛନ୍ତି । ଏଇ ୨୦୨୪-୨୫ରେ ସାରାବିଶ୍ୱକୁ ଭୟଙ୍କର ବିପଦ ମାଡିଆସୁଛି । ବିପଦ ଯେତେବେଳେ ଆସେ ଘଣ୍ଟପିଟି ଆସେନା – ହଠାତ୍ ସବୁ ପ୍ରଳୟଙ୍କର ବିପର୍ଯ୍ୟୟ ଘଟିଚାଲିଛି । ପ୍ରକୃତି ପାଖରେ ବିଜ୍ଞାନ ଓ ମଣିଷର ବାହାଦୂରି କୁଆଡେ ପାଣିଫୋଟକାଭଳି ମିଳେଇଯାଉଛି ।

ଏବେ ବିଶ୍ୱ ଧ୍ୱଂସମୁଖୀ । ଜୀବନସାରା ପାପ କରିକରି ମଲାବେଳକୁ ଭଗବାନ ରକ୍ଷାକର ଡାକିଲେ – ଭଗବାନ ମଧ୍ୟ କ୍ଷମାଦେବେନି । ସବୁ ଘଟଣା ଦୁର୍ଘଟଣାର ତନ୍ନତନ୍ନ ଅଧ୍ୟୟନ, ଅଧ୍ୟବସାୟ, ଅଭିଜ୍ଞତାର ବାସ୍ତବ ଭିତ୍ତି ଉପରେ 'ବିଶ୍ୱଭବିଷ୍ୟବାଣୀ' ପୁସ୍ତକ ପ୍ରସ୍ତୁତି କରି ପ୍ରକାଶିତ । ଏହା ପୂର୍ବରୁ ଜମି ବିକନା ଉଡାଦିଅ – ଇଂରାଜୀରେ ଲାଣ୍ଡ ଟୁ ଲେଟ୍, ଫିଲମ୍ ଦ' ମଦରଲ୍ୟାଣ୍ଡ ପ୍ରସ୍ତୁତହୋଇ ଦେଶ ତଥା ବିଶ୍ୱର ବହୁଦେଶରେ ପ୍ରଦର୍ଶିତ ହୋଇସାରିଛି, ଆଉ ଅର୍ଥନୈତିକ ଆତଙ୍କବାଦ ଇଂରାଜୀରେ ଇକୋନୋମିକ୍ ଟେରରିଜିମ୍ ସାରାବିଶ୍ୱକୁ ଯାଇଛି । ଏହି ଦୁଇଟି ପୁସ୍ତକ ଅକ୍ଷରେ ଅକ୍ଷରେ ସତ୍ୟ ସାବ୍ୟସ୍ତ ହୋଇଛି । 'ବିଶ୍ୱଭବିଷ୍ୟବାଣୀ' ଆଜି ନ ହେଲେ କାଲି ସତ୍ୟ ହେବ।

ଅଧିକାର ଓ ଅଙ୍ଗିକାର – ଏହି ଉଭୟ ଅବବୋଧରୁ ଏବେବି ବହୁ ଦୂରବର୍ତ୍ତୀ ବିଶ୍ୱ ଭାବବୋଧ। କଥାକଥିତ ଗିଲୋଟିନ୍‌ରେ ଅହୋରାତ୍ର ଜର୍ଜରିତ ଆମର ଜୀବନତନ୍ତ୍ର। ଜଘନ୍ୟ ଓ ଜାନ୍ତବ ହୋଇପଡିଛି ଆମ ଜୀବନଶୈଳୀ। ଏଠାରେ ଏକ ଉଦାହରଣ ଦିଆଯାଇପାରେ ଯେ – ମାଇକେଲ୍ ଜାକ୍‌ସନ୍, ଯାହାର ସଂଗୀତର ମୂର୍ଚ୍ଛନାରେ ସାରା ବିଶ୍ୱ ମତୁଆଲା ହୋଇଯାଇଥିଲା। ଅଜସ୍ର ଅର୍ଥ ଉପାର୍ଜନ କରୁଥିଲେ। ହଠାତ୍ ତାଙ୍କ ମୁଣ୍ଡକୁ ଏକ ଅଜବ ଚିନ୍ତା ପ୍ରବେଶ କଲା। ସେ ୧୫୦ ବର୍ଷ ବଂଚିବେ। ନିଜ ଘରେ ପାଦଠୁଁ ମୁଣ୍ଡବାଳ ପର୍ଯ୍ୟନ୍ତ ସବୁ ରଖିଥିଲେ। ସେ କଳା ଥିବାରୁ ୧୯୮୭ ମସିହାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇଲେ। ନିଜର କଳା ବାପ, ମା'କୁ ଛାଡି ଭଡାରେ ଗୋରା ବାପ, ମା' ରଖିଲେ। ପ୍ଲାଷ୍ଟିକ୍ ସର୍ଜରୀ ଯୋଗୁଁ ଅକ୍ସିଜେନ୍ ବେଡ୍‌ରେ ଶୋଉଥିଲେ। ମେଡିସିନ୍ ଖାଇଖାଇ ଦେହ ଅବଶ ହୋଇପଡିଲା। ଶେଷରେ ୨୫ ଜୁନ୍ ୨୦୦୯ରେ ୫୦ ବର୍ଷରେ ମରିଗଲେ। ସାରା ସହରର ଡାକ୍ତର ଜମାହେଲେ। କେହି ଆଉ ତାଙ୍କୁ ବଂଚାଇ ପାରିଲେନାହିଁ। ଏଠାରେ ଜାକ୍‌ସନଙ୍କର ଅର୍ଥ, ସମ୍ପତ୍ତି କିଛି କାମ ଦେଲାନି। ଜୀବଜଗତରେ ଜନ୍ମ ହେଲେ ମୃତ୍ୟୁ ଅବଧାରିତ। ଜନ୍ମରେ ଆନନ୍ଦ, ମୃତ୍ୟୁରେ ଦୁଃଖ, ଏ ସବୁ ଖେଳାଲୀଳା ଲାଗିରହିଛି। ସ୍ୱାଭାବିକ ମୃତ୍ୟୁ ଅଲଗା କଥା। ଅସ୍ୱାଭାବିକ ମୃତ୍ୟୁ ହେଲେ ଛାନିଆ ପଶିଯାଏ। ସମଗ୍ର ବିଶ୍ୱ ଆଜି ଜ୍ୱଳନ୍ତ ଜତୁଗୃହ। ସବୁଠି ନିଆଁ ଲାଗିଛି – ସବୁଠି ନିଆଁ ଜଳୁଛି – ମଶାଣିରେ, ମନ୍ଦିରରେ, ମସଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନରେ, ଗାଁଗଣ୍ଡାରେ, ସହରରେ – ସବୁଠି ମଣିଷ ମନରେ ନିଆଁ ଲାଗିଛି – ନିଆଁ ଲାଗିଛି ପ୍ରବଞ୍ଚିତ ଜନତାର ସଞ୍ଚିତ ସ୍ୱପ୍ନରେ! ସବୁଦେଶର ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରୀ। ଯେଉଁଠି ଚାହିଁଲେ ବି କେବଳ ଗଦା ଗଦା ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ।

କେବଳ ଭୟ, କଷ୍ଟ, ମୃତ୍ୟୁ ଛଡା ଆଉ କିଛି ଦେଖାଯାଉନି। ଏଭଳି ଏକ କାଳଖଣ୍ଡରେ ଆମେ ପହଞ୍ଚିଯାଇଛେ – ସତେ ଯେମିତି କଳିକାଳ ପରେ ମହାକଳିକାଳ ମାଡିଆସିଛି। ଆମେ ସବୁ କଳିଯୁଗର ମଣିଷ। ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର କଥା ଶୁଣିଆସୁଛେ। ଏ ତିନିଯୁଗ ପରେ କଳିଯୁଗରେ କ'ଣ କ'ଣ ସବୁ ଘଟିବ, ସେସବୁ କଥା ମହାପୁରୁଷମାନେ କହିଯାଇଛନ୍ତି। ସେହି ମହାପୁରୁଷମାନଙ୍କ ବାଣୀ ଆମେ ଶୁଣି ମଧ୍ୟ ଅଶୁଣା ଥିଲୁ। ଏବେ ବିଭିନ୍ନ ମହାମାରୀ ଆମକୁ ବାଧ୍ୟ କରୁଛି ଶୁଣିବାକୁ, ଭୋଗିବାକୁ। ତା'ହେଲେ ସତେ କ'ଣ ଏ ଜୀବଜଗତ ଜଡ଼ଜଗତରେ ଲୀନ ହୋଇଯିବ? ନା – ମଣିଷ ବଂଚିବ। ଏଇ ବିଶ୍ୱର ପାଖାପାଖି ଆଠ ଶହ କୋଟି ମଣିଷଙ୍କ ଭିତରୁ ହୁଏତ ଅଧାଅଧି ଲୋପ ପାଇଯାଇପାରେ। କିନ୍ତୁ ଯେଉଁମାନେ ବଂଚିବେ, ସେମାନେ ଏ ମହାବିପଦରୁ ଉତ୍ତୀର୍ଣ୍ଣ ହୋଇ ସବୁ ଦୁର୍ଗୁଣ ଛାଡିବାକୁ ବାଧ୍ୟ ହେବେ। ହୁଏତ ସେତେବେଳକୁ ମହାକଳିକାଳ ଶେଷ ହୋଇ ପୁନଶ୍ଚ ସତ୍ୟ ଯୁଗ ଆରମ୍ଭ ହୋଇଯାଇଥିବ। ଏ ବିପଦ ସମୟରେ କଷ୍ଟ ଆଉ ମୃତ୍ୟୁକୁ ଆମେ ଭୟ କରିବାନି। ଯାହା ହେବାର ଥିବ ହେବ। ମୃତ୍ୟୁ ପୂର୍ବରୁ ଆମେ ଶହେଥର ମରିବା କାହିଁକି? ବେଳ ଆସିଯାଇଛି – ଆମର ଯେତେସବୁ ଦୁର୍ଗୁଣକୁ ଛାଡି ସୁଗୁଣ ଆଦରି ନେବା, ତା'ହେଲେ ଆମେ ହେବା ଜଗତଜିତା।

ଆମେ କିଭଳି ପୃଥିବୀ ଚାହୁଁଛେ? ଯେଉଁଠି ଭୋକ ଆଉ ରୋଗ ନଥିବ, ସେଇଭଳି ପୃଥିବୀ ଚାହୁଁ। ଭୋକ ଓ ରୋଗ ଏ ଧରଣୀବକ୍ଷରୁ ପୋଛିଦେବାକୁ ହେବ। ଆମ ପ୍ରିୟ ବିଶ୍ୱର ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରି କରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ଼ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ।

# ଇତିହାସରେ ଆମ ଶାସନ ଓ ସ୍ୱାଧୀନତା (୧)



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତ୍ତରରେ ହିମାଳୟ । ଦକ୍ଷିଣରେ ଭାରତ ମହାସାଗର, ପୂର୍ବ ଦିଗରେ ବଙ୍ଗୋପସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର । ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ, ସଭ୍ୟତା ଓ ସଂକୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତରକୁ ପଶି ଆସିଲେ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ, ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା ।

ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ୍ରେରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତକୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍, ପଲ୍ଲବ, ଇଉଚି, ହୁଣ, କୃଶାଣ, ଗୁର୍ଜ୍ଜର ଓ ତାତାର ମାନଙ୍କ ଦ୍ୱାରା, ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତକୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତକୁ ଭଲପାଇ ଭାରତରେ ରହିଗଲେ । ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସି ଓ ଇଂରେଜ ମାନେ, ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରିଦେଲେ । ପର୍ତ୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ, ଡାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର, ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ, ବମ୍ବେ ଓ କଲିକଟ୍ । ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରି କଲେ । ସେହି ଗାଆଁ ତିନୋଟିକୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ । ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା। ସେନାପତି ମିର୍ଜାଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜାଫର ବଙ୍ଗର ନବାବ ହେଲେ , ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍‌କାଶିମ୍‌କୁ ବଙ୍ଗଳାର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିରକାଶିମ୍‌ଙ୍କୁ ଆକ୍ରମଣ କଲେ। ମିର୍‌କାଶିମ୍ ପଳେଇ ଯାଇଁ ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମଙ୍କ ସାହାଯ୍ୟ ଲୋଡ଼ିଲେ । ତିନି ଶକ୍ତି ମାନଙ୍କ ବକ୍‌ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରକାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶୁରର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶ୍ୱର ଇଂରେଜ ମାନଙ୍କ ହାତକୁ ଗଲା । ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ ।

୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ। ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ ବିଦ୍ରୋହ । ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନକୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହକୁ ଦମନ କରି ଦେଲେ । ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ । ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମୀବାଇ, ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ । ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦା'ରେ ଛିଣ୍ଡାଇ ମାରିବାକୁ ପଡୁଥିଲା। ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ, ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସରକୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ । ରାଣୀ ଲକ୍ଷ୍ମୀବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧ ରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପି ଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତନ୍ତିଆ ଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ । (କ୍ରମଶଃ)

# ପ୍ରଗତିର ବୃକ୍ଷଭୋଜି

ପ୍ରଦୀପ୍ତ କୁମାର ମିଶ୍ର
ଅରେଇ, ଯାଜପୁର
ଫୋନ-୯୬୫୮୬୧୪୭୨୮

> ''ଜଳବାୟୁର ପରିବର୍ତ୍ତନ ଏହାଦ୍ୱାରା ବହୁଳ ଭାବେ ହେଉଛି ଏକଥା କାହାକୁ ବା ଅଜଣା। କିନ୍ତୁ ବର୍ତ୍ତମାନ ଯେଉଁ ବାୟବୀୟ ସମାସ୍ୟ ଦେଖାଯାଇଛି ତାହା ଆମପାଇଁ ଚିନ୍ତାର କାରଣ କେବଳ ଆମପାଇଁ ନୁହେଁ ସାରବିଶ୍ୱ ପାଇଁ, କେବେକେବେ ମେଘର ଅଭାବ ପ୍ରବଳ, ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ପ୍ରବଳ ଗରମ ପୁଣି ଶୀତ ସମୟରେ ପ୍ରବଳ ଥଣ୍ଡା ଅନେକ ସ୍ଥାନରେ ବରଫ ପାତ ଏହା ଅସ୍ୱାଭାବିକ ପାଣି ପାଗର ନମୁନା ଦେଖାଯାଉଛି। ଯାହା ଅସ୍ୱାଭାବିକ ପାଣିପାଗ ବୋଲି ସୂଚିତ ହୁଏ ,ଏହିପ୍ରକ୍ରିୟା ସାଧାରଣତଃ ସବୁ ଜୈବ ପଦାର୍ଥ ଉପରେ ପ୍ରଭାବ ପକାଇଥାଏ। ଅନେକ ସ୍ଥାନରେ ମରୁଡି ମେଘର ଘୋର ଅଭାବ ଶୃଙ୍ଖଳା ପରିସ୍ଥିତି ଆଦି ସୃଷ୍ଟି ହେବା ସ୍ୱାଭାବିକ। ବେଳେବେଳେ ବର୍ଷାର ପରିମାଣ ବଢିଯାଇ ଅଦିନରେ ନଦୀ ସ୍ରୋତସ୍ୱିନୀ ହୋଇ ଅନେକ ଧନଜୀବନ ନଷ୍ଟ ହେବାର ଦେଖାଯାଏ। ଏବେ ପ୍ରାକୃତିକ ଋତୁମାନେ ନିରୁଦ୍ଦିଷ୍ଟ ପ୍ରାୟ, ବସନ୍ତ ଶରତ ହେମନ୍ତ ଋତୁ ମାନେ ନିଜର ଉପସ୍ଥିତି ହରେଇଲେଣି ତଥା ବହୁତ କମ ଅନୁଭବ ହେଉଛି। ବସନ୍ତ ଋତୁକୁନେଇ ଅନେକ ରଚନା ଏବେ କିନ୍ତୁ ନିଷ୍ପ୍ରଭ ଭଳି ଲାଗେ। ଋତୁରାଜ ବସନ୍ତ ଆଜି ଗ୍ରୀଷ୍ମ ନିକଟରେ ବନ୍ଦୀ। କେବଳ ଗ୍ରୀଷ୍ମ ଅନିୟମିତ ବର୍ଷା ଏ ସମୟରେ ପରିଲକ୍ଷିତ ହେଉଛି। ଏହାର ଅନେକ କାରଣ ଥିବାବେଳେ ଗୋଟିଏ କାରଣ ନିଶ୍ଚିତ ବୃକ୍ଷ ଛେଦନ ଓ ନୂତନ ବୃକ୍ଷ ସୃଷ୍ଟି ନକରିବାର କାରଣ। ବୃକ୍ଷ ଛେଦନ ନିଶ୍ଚିତ ହେବ କାରଣ ଆମର ପ୍ରଗତି ଆବଶ୍ୟକ। ପ୍ରଗତି ଓ ପରିବେଶ ପରସ୍ପର ପରିପୂରକ। ଏମାନଙ୍କ ସମସ୍ତଙ୍କର ଆମ ପାଇଁ ଆବଶ୍ୟକତା ଅବଶ୍ୟ ରହିଛି। ତେବେ ନୂତନ ବୃକ୍ଷ ସୃଷ୍ଟି ଦିଗରେ ଆମେ ସଚେତନ ନୁହନ୍ତି।''

ରାସ୍ତାର ପ୍ରଶସ୍ତି କରଣ ପାଇଁ ରାସ୍ତାକଡ଼ରେ ଥିବା ବହୁ ବଡ଼ ବଡ଼ ପୁରୁଣା ଗଛକୁ ଯନ୍ତ୍ର ଦ୍ୱାରା କଟା ଚାଲିଥିବା ବେଳେ ଅନେକ ଲୋକ କାନ୍ଦୁଥିବାର ଦେଖାଯାଉଥାଏ। କିଛିଲୋକଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ଦେଖାଗଲେ ମଧ୍ୟ ଭିଡ଼ ମଧ୍ୟରେ ତାହା ନିସ୍ତବ୍ଧ ହୋଇଯାଉଥାଏ।ବୟସ୍କ ବ୍ୟକ୍ତିମାନେ ଏହାକୁ ଅନ୍ୟାୟ ବୋଲି କହୁଥିବା ବେଳେ ଯୁବକମାନେ କିଛି ଦ୍ୱିଧା ପ୍ରକାଶ କରିନଥାନ୍ତି। ଏଥିରେ ପୁଣି ଦୁଇପ୍ରକାର କଥା ଶୁଣିବାକୁ ମିଳୁଥାଏ ଗୋଟିଏ ହେଲା ପୁରୁଣା ରାସ୍ତାର ପ୍ରଶସ୍ତି କରଣର ଏକାନ୍ତ ଆବଶ୍ୟକତା ଅନ୍ୟଟି ବୃକ୍ଷ ଛେଦନର ପାପ। ଏଠାରେ ପାପ ପୁଣ୍ୟର ସଂଜ୍ଞାନାହିଁ ଅଛି କେବଳ ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତାକୁ ଆଖିରେ ରଖି ପ୍ରଗତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ସାର୍ବଜନୀନ ପ୍ରଗତି ପାଇଁ ଅହରହ ଉଦ୍ୟମ ଏହି ସମୟର ଆହ୍ୱାନ। ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତାକୁ ପୁରଣ କରିବାକୁ ଯାଇ ପ୍ରତ୍ୟେକ କ୍ଷେତ୍ରରେ ପରିବେଶ ଉପରେ ଅତ୍ୟାଚାର କରାଯାଏ ଏହା ନିଶ୍ଚିତ। କିନ୍ତୁ ଏହି ପୃଥିବୀ ଉପରେ ପୁଣି ଏସବୁର ନିଶ୍ଚିତ ଆବଶ୍ୟକ ରହିଛି ଏହାମଧ୍ୟ ଧ୍ରୁବସତ୍ୟ। ରେଳପଥର ପ୍ରବର୍ଦ୍ଧିକରଣ ରାଜପଥର ବିସ୍ତୃତି ବିଭିନ୍ନ କାର୍ଯ୍ୟାଳୟର ଆବଶ୍ୟକତା, ପୁନଶ୍ଚ କଳ କାରଖାନା ଆଦିର ବହୁଳତା ହିଁ ବୃକ୍ଷ ସମ୍ପଦକୁ ବିନାଶ କରୁଛି। ଏଥିପାଇଁ କେତେକ ପ୍ରଜାତି ସମ୍ପୂର୍ଣ୍ଣ ଲୋପ ପାଇଯାଉଛନ୍ତି ଏହା ସହଜରେ ଅନୁମେୟ।

ଜଳବାୟୁର ପରିବର୍ତ୍ତନ ଏହାଦ୍ୱାରା ବହୁଳ ଭାବେ ହେଉଛି ଏକଥା କାହାକୁ ବା ଅଜଣା। କିନ୍ତୁ ବର୍ତ୍ତମାନ ଯେଉଁ ବାୟବୀୟ ସମାସ୍ୟ ଦେଖାଯାଇଛି ତାହା ଆମପାଇଁ ଚିନ୍ତାର କାରଣ କେବଳ ଆମପାଇଁ ନୁହେଁ ସାରବିଶ୍ୱ ପାଇଁ, କେବେକେବେ ମେଘର ଅଭାବ ପ୍ରବଳ, ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ପ୍ରବଳ ଗରମ ପୁଣି ଶୀତ ସମୟରେ ପ୍ରବଳ ଥଣ୍ଡା ଅନେକ ସ୍ଥାନରେ ବରଫ ପାତ ଏହା ଅସ୍ୱାଭାବିକ ପାଣି ପାଗର ନମୁନା ଦେଖାଯାଉଛି। ଯାହା ଅସ୍ୱାଭାବିକ ପାଣିପାଗ ବୋଲି ସୂଚିତ ହୁଏ ,ଏହିପ୍ରକ୍ରିୟା ସାଧାରଣତଃ ସବୁ ଜୈବ ପଦାର୍ଥ ଉପରେ ପ୍ରଭାବ ପକାଇଥାଏ। ଅନେକ ସ୍ଥାନରେ ମରୁଡି ମେଘର ଘୋର ଅଭାବ ଶୃଙ୍ଖଳା ପରିସ୍ଥିତି ଆଦି ସୃଷ୍ଟି ହେବା ସ୍ୱାଭାବିକ। ବେଳେବେଳେ ବର୍ଷାର ପରିମାଣ ବଢିଯାଇ ଅଦିନରେ ନଦୀ ସ୍ରୋତସ୍ୱିନୀ ହୋଇ ଅନେକ ଧନଜୀବନ ନଷ୍ଟ ହେବାର ଦେଖାଯାଏ।

ଏବେ ପ୍ରାକୃତିକ ଋତୁମାନେ ନିରୁଦ୍ଦିଷ୍ଟ ପ୍ରାୟ, ବସନ୍ତ ଶରତ ହେମନ୍ତ ଋତୁ ମାନେ ନିଜର ଉପସ୍ଥିତି ହରେଇଲେଣି ତଥା ବହୁତ କମ ଅନୁଭବ ହେଉଛି। ବସନ୍ତ ଋତୁକୁନେଇ ଅନେକ ରଚନା ଏବେ କିନ୍ତୁ ନିଷ୍ପ୍ରଭ ଭଳି ଲାଗେ। ଋତୁରାଜ ବସନ୍ତ ଆଜି ଗ୍ରୀଷ୍ମ ନିକଟରେ ବନ୍ଦୀ। କେବଳ ଗ୍ରୀଷ୍ମ ଅନିୟମିତ ବର୍ଷା ଏ ସମୟରେ ପରିଲକ୍ଷିତ ହେଉଛି। ଏହାର ଅନେକ କାରଣ ଥିବାବେଳେ ଗୋଟିଏ କାରଣ ନିଶ୍ଚିତ ବୃକ୍ଷ ଛେଦନ ଓ ନୂତନ ବୃକ୍ଷ ସୃଷ୍ଟି ନକରିବାର କାରଣ। ବୃକ୍ଷ ଛେଦନ ନିଶ୍ଚିତ ହେବ କାରଣ ଆମର ପ୍ରଗତି ଆବଶ୍ୟକ। ପ୍ରଗତି ଓ ପରିବେଶ ପରସ୍ପର ପରିପୂରକ। ଏମାନଙ୍କ ସମସ୍ତଙ୍କର ଆମ ପାଇଁ ଆବଶ୍ୟକତା ଅବଶ୍ୟ ରହିଛି। ତେବେ ନୂତନ ବୃକ୍ଷ ସୃଷ୍ଟି ଦିଗରେ ଆମେ ସଚେତନ ନୁହନ୍ତି। ବଦ୍ଧପରିକର ନୁହଁନ୍ତି। ଯାହାଦ୍ୱାରା ଅନେକ ଶିଶୁ ବୃକ୍ଷ ତାର ପର ବର୍ଷ ଗାଈଗୋରୁଙ୍କ ଖାଦ୍ୟ ହୋଇଯାଏ କିମ୍ବା ମରିଯାଏ ତାର ଯତ୍ନ ନିଆଯାଏ ନାହିଁ। ଏବେ ଆମ ଶିକ୍ଷିତ ସମାଜରେ ଏହା ଫଟୋ ମଧ୍ୟରେ ଆବଦ୍ଧ, ଏହାକୁ ନେଇ ଏକଠି କଲେ କାମ ଶେଷ। କଥାରେ ଭାଷଣରେ ଗଛର ଉନ୍ନତି ହେଉଛି ବୋଲି କହିବା ଆମ ଦେଶର ପ୍ରଥମ ମିଛ। ବୃକ୍ଷ ରୋପଣ କେବଳ ଆବଶ୍ୟକ ନାହି, ଘାସ ଏବଂ ବିଭିନ୍ନ ପ୍ରଜାତିର ଔଷଧ ବୃକ୍ଷ ଆଦି ପରିବେଶ ଅନୁକୂଳ ବୃକ୍ଷର ଆବଶ୍ୟକତା ରହିଛି। ପ୍ରଗତି ହେଉ ତା ପୂର୍ବରୁ ଗୋଟିଏ ଗଛ ପାଇଁ ଅତିକମରେ ଦୁଇଟି ବୃକ୍ଷ କଥା ଚିନ୍ତା କରିବା ଉଚିତ। ଏହା ତାର ପୂର୍ବରୁ ହେବା ଉଚିତ ଏମିତି ନହେଲେ ବି ଏଥିପାଇଁ କିଛି ଆଇନ ପ୍ରଣୟନ କରିବା ଆବଶ୍ୟକ। କାରଣ ସଚେତନତା ସାଧାରଣ ଲୋକଙ୍କ ଉପରେ ପ୍ରଭାବ ହୀନ ହୋଇଗଲେ ସେଠାରେ ମାପଦଣ୍ଡ ନିର୍ଦ୍ଦିଷ୍ଟ ହୋଇଥାଏ। ଗଛର ମୃତ୍ୟୁରେ ଶୋକ କରାଯାଉ। ନୂତନ ଗଛଟିଏ ପାଇଁ ଯତପରୋନାସ୍ତି

ଉଦ୍ୟମ ରଖାଯାଉ। ବଗିଚା ଟିଏ ସମସ୍ତେ କରିବାପାଇଁ ପ୍ରୋତ୍ସାହନ ଦିଆଯାଉ। ବିଦ୍ୟାଳୟରେ ଓ ମହାବିଦ୍ୟାଳୟରେ ପିଲାମାନଙ୍କୁ ବଗିଚା କରିବା ପାଇଁ ବାଧ୍ୟ କରାଯାଉ। ଯାହାର କୌଣସି ସ୍ଥାନ ନଥିବ ସେମାନେ ଛାତ ଉପରେ ବଗିଚାଟିଏ କରିପାରିବେ । ପ୍ରଗତି ତ ଆମର ଆବଶ୍ୟକ ରହିଛି ରହିଥିବ କେବଳ ତାକୁହିଁ ଆଖିଠାରମାରି ଆମେ ଚୁପ ରହିଗଲେ ଆଗାମୀ କାଲି ଆମପାଇଁ ବୁମେରାଂ ହେବ ଏହା ନିଶ୍ଚିତ।

ଜଙ୍ଗଲ ସୁରକ୍ଷା କରିବାର ବ୍ୟବସ୍ଥା ନିମିତ୍ତ ଆଇନ କଡାକଡି କରାଯାଉ। ଏହା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଅବଶ୍ୟ ରହିଛି। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତି ବ୍ୟତୀତ ଆମ ରାଜ୍ୟମାନଙ୍କରେ କେବଳ କଥାରେ କାମ ସରିଯାଏ । ଅବଶେଷରେ ଆମେ ଏତିକି କହିପାରିବା ଯେମିତି ଆମଦେଶ ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି କରି ଏହାକୁ ଅର୍ଥନୈତିକ ଓ ସାମାଜିକ ଉନ୍ନତିରେ ବିନିଯୋଗ କରିପାରିବ ସେମିତି ପରିବେଶ ସମ୍ପର୍କରେ ଅନୁଚିନ୍ତନ ରଖି ବୃକ୍ଷ ସମ୍ପଦର ସୁରକ୍ଷା ପାଇଁ ସମସ୍ତ ଯୋଜନା ମାନସିକତା ନେଇ କରିବା ସର୍ବାଦୌ ଆବଶ୍ୟକ । ନଚେତ ଏବେ ଦିଲ୍ଲୀ ଓ ଅନ୍ୟସ୍ଥାନର ଜଳ ସଙ୍କଟ ଯେତେ ଉତ୍କଟ ତାହା ସବୁଠାରେ ଦେଖାଯିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସନ୍ତକ ରକ୍ଷକ



**ମଧୁମିତା ମିଶ୍ର**

ଆଜିକାଲି ଟିକେ ସମୟ ମିଳୁନି କାହା ସହ ଦି ପଦ ମନ ଖୋଲି କଥା ହେବା ପାଇଁ । ମଣିଷ ସତରେ କେତେ ବ୍ୟସ୍ତ ବିବ୍ରତ ହୋଇପଡୁଛି..!! ଜୀବନ ଯୁଦ୍ଧରେ ଲଢେଇ କରୁ କରୁ କ୍ଲାନ୍ତ..ଶ୍ରାନ୍ତ..!! ହେଲେ ଗତବର୍ଷର ଫଣି ବାତ୍ୟାଟି କିନ୍ତୁ ଅନେକ ବିଧ୍ୱଂଶକାରୀ ବିନାଶ ସହ କିଛିଟା ଭାଇଚାରାର ବୀଜବପନ କରିବାରେ ନିଶ୍ଚୟ ସକ୍ଷମ ହୋଇ ପାରିଥିଲା । କେବେ ନ ଦେଖା ଯାଉଥିବା କିଛି ନୂଆଁ ମୁହଁ କେମିତି ହଠାତ୍ ଆପଣାର ଲାଗି ଆସିଥିଲେ । ଯେମିତିକି ଆମ ଘର ପାଖରେ ରହୁଥିବା ମିଶ୍ର ଭାଉଜ !!

ମିଶ୍ର ଭାଇନା ଓ ଭାଉଜ ମୁମ୍ବାଇରେ ରୁହନ୍ତି । ଭୁବନେଶ୍ୱରରେ ଘର ଥିଲେ ମଧ୍ୟ ସେଇ ଘରକୁ ସେମାନେ ଭଡ଼ା ଦେଇନାହାନ୍ତି । ଖୋର୍ଦ୍ଧା ପାଖରେ ତାଙ୍କ ପିତ୍ରାଳୟ ଓ ଶ୍ୱଶୁରାଳୟ ହୋଇଥିବାରୁ ସେମାନେ ପ୍ରାୟତଃ ଛୁଟିରେ ଏଠାକୁ ଆସନ୍ତି ଓ କିଛି ଦିନ ରହି ପୁଣି କର୍ମକ୍ଷେତ୍ରକୁ ଫେରି ଯାଆନ୍ତି । ଅଦିନ ମେଘ ପରି ସେମାନେ ଯିବା ଆସିବା କରୁଥିବାରୁ ସେମାନଙ୍କ ସହ ଏତେ ଗପସପ ହୁଏନି କିନ୍ତୁ ତାଙ୍କ ପରିବାର ଉପରେ ପଡ଼ିଥିବା ଆକସ୍ମିକ ଚଡ଼କ ଯୋଗୁଁ ଆମ କଲୋନୀରେ ସମସ୍ତେ ଅତିଶୟ ବିଚଳିତ ହୋଇ ଯାଇଥିଲୁ !!

ମିଶ୍ର ଭାଇନାଙ୍କ ଅକାଳ ବିୟୋଗ..!! ଦୁଇ ଦୁଇଟି ଝିଅ ଆଉ ଭାଉଜଙ୍କୁ ଛାଡ଼ି ସେ ଅଦିନରେ ଆରପାରିକୁ ଚାଲି ଯାଇଥିଲେ କିନ୍ତୁ କାହା ସାହାଯ୍ୟ ଓ ସହଯୋଗ ନେବାକୁ ମନା କରିଦେଇ ଭାଉଜ ସେମିତି ମୁମ୍ବାଇରେ ଏକଲା ନିଜ ସନ୍ତାନଙ୍କୁ ମଣିଷ କରିବାରେ ଲାଗି ପଡ଼ିଥିଲେ । ଯେତେବେଳେ ଭୁବନେଶ୍ୱର ଆସନ୍ତି ଥରେ ଅଧେ ତାଙ୍କ ସହ ଦେଖା ହୁଏ କିନ୍ତୁ ଏଥର ଖରାଛୁଟିରେ ସେମାନେ ଭୁବନେଶ୍ୱର ଆସିଲା ପରେ ଫଣି ସହ ଦେଖା ହୋଇଗଲେ..!

ପାଣିର ସମସ୍ୟା ଓ ବିଜୁଳି ଅଭାବ ସେହି ସମୟରେ ସମସ୍ତଙ୍କୁ ଘର ବାହାରକୁ ଆସିବା ପାଇଁ ଏକରକମ ବାଧ୍ୟ କରି ଦେଇଥିଲା । ମିଶ୍ର ଭାଉଜ ମଧ୍ୟ ସେହି କାରଣରୁ ଟିକେ ଅଧିକ ସମୟ ଆମ ସହ ବିତାଇଲେ । ହେଲେ..ଏକ ବ୍ୟତିକ୍ରମ କେଜାଣି କାହିଁକି ମୋ ମନକୁ ଘାଣ୍ଟି ପକାଉଥିଲା । ଭାଉଜଙ୍କ ମଥାରେ ସିନ୍ଦୂର ଓ ହାତରେ ଶଙ୍ଖା ଶୋଭା ପାଉଥିଲା..! ମିଶ୍ର ଭାଇନାଙ୍କ ବିୟୋଗ ପରେ ମଧ୍ୟ ଏସବୁ..! ଅବଶ୍ୟ ଆଜିକାଲି କିଛି କହି ହେଉନି ସେ ଯେ ନୂତନ ଜୀବନସାଥି ପାଇ ନ ଥିବେ ତା ନୁହେଁ..! ତଥାପି କାହିଁକି କେଜାଣି..! ଏ ବିଷୟ ନେଇ ଭାଉଜଙ୍କୁ ପ୍ରଶ୍ନ କରିଦେବାକୁ ଭାରି ଆତୁର ଲାଗୁଥାଏ..!

ଆଉ ସେଦିନ.. ବିଜୁଳି ବିଭାଗର ପଦାଧିକାରୀ ଆସି ଆମ ଟ୍ରାନ୍ସଫର୍ମର୍‌ରେ ଛିଡି ଯାଇଥିବା ତାର ସବୁ ସଂଯୋଗ କରୁଥାନ୍ତି ଓ ସ୍ଥଳ ବିଶେଷରେ ଅର୍ଥ ମଧ୍ୟ ସଂଗ୍ରହ କରିବାରେ ଲାଗି ଥାଆନ୍ତି... ଆଉ କଲୋନୀର ଟ୍ରାନ୍ସଫର୍ମର କିନ୍ତୁ ତଳୁ ଭାଙ୍ଗି ଉପୁଡ଼ି ଯାଇଥିବାରୁ ନୂଆ କରି ବସେଇବା ପାଇଁ ସେମାନେ ମୋଟା ଅଙ୍କ ମାଗିଥାଆନ୍ତି । ଘର ପିଛା ଭାଗ କରି ଯେତେବେଳେ ଆମେ ଦେୟ ଅର୍ଥ ବିଷୟ ଭାଉଜଙ୍କୁ ଜଣାଇଲୁ ସେ ସଙ୍ଗେ ସଙ୍ଗେ କାହାକୁ ଫୋନ୍ ଲଗେଇଲେ ଓ ସେଥିପାଇଁ ସମ୍ମତି ଦେଲେ । ମୋ ପାଟିରୁ ଯନ୍ତ୍ରବତ୍ ବାହାରିଗଲା.. ଭାଉଜ..! କାହା ସହିତ କଥା ହେଲେ ଆପଣ ?.. ନିଜ ଅଭଦ୍ରାମୀ ବୁଝିପାରି ସଙ୍ଗେ ସଙ୍ଗେ ଅବଶ୍ୟ କ୍ଷମା ମାଗିନେଲି । ଭାଉଜ ମଧ୍ୟ ହସିଦେଲେ.. କିନ୍ତୁ ସମସ୍ତେ ଯିବା ପରେ ମୋତେ ସେ ତାଙ୍କ ପାଖରେ ରହିବାକୁ କହି ଆରମ୍ଭ କଲେ.. ମୁଁ ଜାଣେ ତୁମେ ମୋ ସଧବା ବେଶ ବିଷୟରେ ଜାଣିବାକୁ ଚାହଁ..

ଲାଜରେ ମୋ ମୁହଁ ଲାଲ ହୋଇଗଲା ଆଉ ମୁଁ କହି ଉଠିଲି..ନା ନା..ଭାଉଜ..ମୁଁ..

ଅଧା କଥାରୁ ମୋତେ ଅଟକାଇ ଭାଉଜ କହିଲେ, ମୋତେ ମଧ୍ୟ ଖୁସି ଲାଗିବ କାହାକୁ ଏ ଅକୁହା କଥା ଜଣେଇ ଦେଇ..! ନିଜ ଛାତି ତଳର ବୋଝ ଟିକେ ହାଲ୍‌କା ତ ଲାଗିବ..! ତୁମ ଭାଇନା ମୋତେ ଏକା କରି ଚାଲିଯିବା ପରେ ମୁଁ ସତରେ ଏ ଦୁନିଆକୁ ଚିହ୍ନିଲି..! ଏକାକିନୀ ବିଧବା ବୋଲି ଜାଣି କେବଳ ଗୋଟେ ମାସ ଭିତରେ ଲୋକଙ୍କ ଚାହାଣୀ, ଚାଲିଚଳଣିରେ ସତରେ ଏକ ଅଦ୍ଭୁତ ପରିବର୍ତ୍ତନ ଆସି ଯାଇଥିଲା । ମୁଁ ନିଜେ ମଧ୍ୟ ବୁଝି ପାରିଲିନି ଆଉ ବୁଝିଲା ପରେ ବିଶ୍ୱାସ କରିପାରିଲିନି ଏ ସବୁର କାରଣ କଣ..!

ଦୁଇ ଦୁଇଟା ଝିଅଙ୍କ ସୁରକ୍ଷା ଆଉ ମୋ ନିଜର ଆତ୍ମରକ୍ଷା..! ସିନ୍ଦୂର ବିନା ଖୋଲା ମଥା ଆଉ ଚୁଡ଼ି ଶୂନ୍ୟ ମୁକୁଳା ହାତ ନେଇ ସତରେ ମୁଁ ଦୁର୍ବଳ ହୋଇପଡ଼ିଥିଲି । କୌଣସି ଉପାୟ ଦେଖାଯାଉନଥିଲା । କାହାରି ସାହାଯ୍ୟ କି କରୁଣା ମୁଁ ଚାହୁଁ ନଥିଲି ଆଉ ଦୁନିଆର କୁଦୃଷ୍ଟିରୁ ବଞ୍ଚିବା ପାଇଁ ବହୁତ ଚିନ୍ତା କରିବା ପରେ ମୁଁ ପୁଣି ଥରେ ଶଙ୍ଖା ସିନ୍ଦୂର ପିନ୍ଧି ଦିନେ ବାହାରକୁ ବାହାରି ପଡିଲି..! ଆଉ ସେତେବେଳେ ଦେଖିଲି ଲୋକଙ୍କ ନଜରରେ ପୁନଃ ଏକ ଅଦ୍ଭୁତ ପରିବର୍ତ୍ତନ..!

ପ୍ରଥମଟି ଥିଲା ଏକ ଲୋଲୁପ ପୈଶାଚିକ ପ୍ରବୃତ୍ତିର.. କିନ୍ତୁ ଦ୍ୱିତୀୟଟି ବୋଧେ ଥିଲା ସ୍ୱତଃ ଦୂରତା ନିର୍ଣ୍ଣୟର..!

ଆଉ ତା ପରଠୁ ମୁଁ ଫୋନ୍‌ରେ ମଧ୍ୟ ମୋ ଦିବଂଗତ ସ୍ୱାମୀଙ୍କ ସହ କଥା ହେବା ପରି ଅଭିନୟ କରିବା ଆରମ୍ଭ କଲି ଯେମିତିକି ସେ ପ୍ରତି ମୁହୂର୍ତ୍ତରେ ମୋ ସହିତ ଅଛନ୍ତି..! ତୁମେ ବିଶ୍ୱାସ କରିପାରିବନି..! ଏହି ନିଷ୍ପତ୍ତି ନେବା ପରେ ମୋତେ ମଧ୍ୟ ଲାଗୁଛି ମୁଁ ସଂପୂର୍ଣ୍ଣ ସୁରକ୍ଷିତ..! ଆଉ ମୋ ଝିଅ ମାନେ ମଧ୍ୟ ସଂରକ୍ଷିତ.. କାରଣ ସଧବା ସନ୍ତକ ପୁଣି ଥରେ ମୋ ହସ୍ତଗତ !

ଏତିକି ଗୋଟିଏ ନିଃଶ୍ୱାସରେ କହିଦେଇ ଭାଉଜ ବୋଧେ ନିଜ ଲୁହ ଲୁଚାଇବାକୁ ଘର ଭିତରକୁ ଚାଲିଗଲେ.. ହେଲେ.. ମୋ ଲୁହ..! ମୁଁ କଣ ଆଉ ଲୁଚେଇ ପାରିଲି..!

*ଭୁବନେଶ୍ୱର*
*ମୋ- ୯୪୩୮୪୭୦୮୦୭*

# ସକଳ ସୁଖର ସଖା ତୁମେ

*ସୁଜିତ କୁମାର ମିଶ୍ର*



ଏମିତି କେବେ କଣ ହୋଇଛି
ତୁମ ମୋ ଭିତରେ ବ୍ୟବଧାନ ବଢ଼ିଛି

ଏମିତି କେବେ କଣ ହୋଇଛି
ତୁମେ ଆଲୋକିତ
ମୁଁ ଅନ୍ଧକାର ପ୍ଲାବିତ

ତୁମକୁ ଯେବେ ମୁଁ ଜାଣିଲି
ମୁଁ ମୋଠାରୁ ଢେର ଦୂରକୁ ଗଲି
ସବୁକିଛି ଘଟୁଥିଲା
ତୁମ ମଧୁର ବଂଶୀ ବାଦନରେ,
ମୁଁ ସେ ନିର୍ମଳ ସୁଖ ପାଇଁ ନୀଳାଭ ପ୍ରେମରେ

ତୁମେ ଥିଲେ
ଅନ୍ଧକାରର କାଳିମା କାହାକୁ ଛୁଇଁଛି ଯେ,
ଅଲୋଡାପଣ କାହାକୁ
ଏକାକୀ ଯୋଦ୍ଧା ସଜାଇଛି ଯେ,
ତୁମେ ଅନ୍ଧ ବୋଲି ମୁଁ ବି ଅନ୍ଧ,
ସେଥିପାଇଁ ଏ ଅନୁଭବର ଲାଳିତ୍ୟ ଛନ୍ଦ

ତୁମେ ଶିଖାଇଛ ବନ୍ଧନରୁ ମୁକ୍ତ ହେବା,
ଉଜାଣି ଯମୁନାରୁ ଉଠିବା,
ଲୁହକୁ ଲୁହରେ ପୋଛିବା,
ନାହିଁ ନାହିଁର ସଂସାରେ
ନଈ ପରି ସର୍ବସ୍ୱ ସଞ୍ଚିବା,
ମହା ସମୁଦ୍ରରେ ସ୍ନାନରତ ହେବା

ପୁତନା, ଶକଟା, କଂସ ହତ ହେଲେ ତବ ହାତେ,
ଯାତନାର ଜଉଘରେ ପୁଣି ହସିଲା ଫଗୁଣ,
ତୁମେ ହିଁ ତ ବିଚିତ୍ର ଅସ୍ତ୍ର
ମାରି ଅର୍ପୁଥାଅ ପ୍ରାଣ ନିର୍ବାଣ,
ମୋ ଭିତରେ ବି ତୁମେ ସେପାଇଁ
ଅନନ୍ତ ଅନିର୍ବଚନୀୟ ସମ୍ମୋହନ

ମୋ ବେଦନାରେ ତୁମେ ପ୍ରବୋଧନା,
ବଞ୍ଚିତ ଆଶାରେ ତୁମେ ବାଞ୍ଛିତ ବନ୍ଦନା,
ମୋତେ ଅର୍ପିଛ ଅଯାଚିତ

ସେ ଲୋଭନୀୟ ମୁହୂର୍ତ୍ତ,
ଜୀଇଁବାର ଅମୃତ ବିନ୍ଦୁ ଏକାନ୍ତରେ
ଐକାନ୍ତିକ ସୁଖରେ,
ନବ ପଲ୍ଲବିତ ମନ, ହୃଦ, ବେଶରେ ସଜେଇଛ ମୋତେ
ତୁମର ସେ ସଂସାରର
ସ୍ନିଗ୍ଧ ପରମ ପ୍ରେମିକ ପରଶରେ

ତୁମଠୁ ଆଉ କିଏ କିଛି
ଏ ଜଗତରେ ବଡ ଚୋର,
ଯିଏ ଜହ୍ନ ଦେଇ ମନ ନିଏ,
ଯାହା ଚୋରେଇଛ ସବୁ
ଅଦେଖା ଭାବର ମହୁ,
ଅଭୁଲା ଆବେଗର ଢେଉ,
ସେ ଦିବ୍ୟ ଦୃଷ୍ଟାମି ଭିତରେ ତ ଅଛି
ପ୍ରୀତି କଦମ୍ବ,
ପ୍ରାଣ ଉଲ୍ଲସିତ ପ୍ରତିବିମ୍ବ,
ତୁମେ ଅନନ୍ତ ଦାତା, ମୁଁ ଏଯାବତ ଅଣୁକ୍ରେତା

ତୁମେ ତ ନିର୍ଜନତାରେ ଅମୃତ କୋଳାହଳ,
ସରାଗର ଶତଦଳ,
ପାହାଡି ଝରଣାର ମହୌଷଧି ଜଳ,
ସକଳ ସୁଖର ସଖା,
ଦରଦୀ ବନ୍ଧୁର ଦୀପଶିଖା,
କିଏ କରୁ କୁଠାରଘାତ,
କିଏ କରୁ ବଜ୍ରପାତ,
କିଏ ଆଣୁ ନିବିଡ଼ ଛଳର ସଂଘାତ,
ତୁମେ ଅଛ ବୋଲି ସବୁକିଛି ଠିକ୍‌ଠାକ୍,
ସବୁ ବିକୃତି ଭିତରେ
ମୁଁ ଶୋଭା ବିମଣ୍ଡିତ

ହେ ଗୋପିନାଥ !
ତୁମେ ଚିତ୍ତଚୋର ବୋଲି
ମୁଁ ନୁହେଁ ଅନାଥ

ହେ କାହ୍ନୁ !
ମୁଁ ଜୀଅନ୍ତା ଶବ ତୁମ ବିନୁ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

# ଉଡ଼ାଇବା ଆସ ଜାତୀୟ ପତାକା

*ପ୍ରଶାନ୍ତ କୁମାର ଦାଶ*



ପରାଧୀନତାର ଶୃଙ୍ଖଳ ଛିଡାଇ
ସ୍ୱାଧୀନ ହୋଇଲା ଦେଶ
ଭାରତ ମାଟିରେ ଫିରିଙ୍ଗି ଶାସନ
ହେଲା ଚିରଦିନ ଶେଷ

ଭୁଲି ନିଜ ସୁଖ ପାଇ କେତେ ଦୁଃଖ
ଅନ୍ଧାର କାରାରେ ରହି
ସ୍ୱାଧୀନତା ମନ୍ତ୍ର ସବୁରି କାନରେ
ସେତ ଦେଇଥିଲେ କହି

ଗାନ୍ଧିଜୀ ଡାକିଲେ ଅହିଂସା ବଳରେ
ଲଢେଇ କରିବା ପାଇଁ
ତାଙ୍କ ଡ଼ାକରାରେ ସେବକ ସଂଗ୍ରାମୀ
ଗଲେ ତାଙ୍କ ପାଶେ ଧାଇଁ

ଉତ୍କଳର ମଣି ଛାଡି ପରିବାର
ଲଢେଇରେ ଦେଲେ ଯୋଗ
ଗୋଟିଏ ପୁଅତ ଗଲା ପରପାରି
ଭୋଗି ଦାଉ ଜର ରୋଗ

ନେହେରୁ ସୁଭାଷ ଶାସ୍ତ୍ରିଜୀ ଲଢ଼ିଲେ
ବାପୁଜୀଙ୍କ ନୀତି ମାନି
ଦେଶମାଟି ପାଇଁ ନିଜ ସୁଖ ସ୍ୱାର୍ଥ
ସବୁ କରିଥିଲେ ହାନି

ଯୁଦ୍ଧରେ ହାରିଲେ ଫିରିଙ୍ଗି ଫେରିଲେ
ବାହୁବଳ ହେଲା ନାଶ
ଭାରତବାସୀର ଓଠେ ଚହଟିଲା
ସଫଳତା ମିଠା ହସ

ସ୍ୱାଧୀନତା ନେତ ଉଡ଼ିଗଲା ସେତ
ପ୍ରଗତି ପ୍ରତୀକ ହେଇ
ସହିଦ ସାଜିଲେ ବୀର ସୁପୁରୁଷ
ଆମକୁ ମୁକତିଦେଇ

ଉଡାଇବା ଆସ ଜାତୀୟ ପତାକା
ମୁକତି ପରବଦିନେ
କରିବା ରାଇଜ ଦେଶଜାତିହିତ
ଜାତିପ୍ରୀତିର ମନେ ।

*କୁଞ୍ଜର, ସଙ୍ଗଲାଇ, ପିପିଲି ପୁରୀ*
*ମୋ-୯୬୬୮୮୨୨୧୯୦*

# ମୋ ଦେଶ ଏବେ ଖିଲିଖିଲି ହୋଇ ହସୁଛି

*ସୁସ୍ମିତା ପଟେଲ*



କାହିଁକି ହସିବନି ଯେ
ସେ ପରା ତାର
ସ୍ୱାଧୀନତାର ଅମୃତ ବେଳାର
ନିଃଶ୍ୱାସ ନେଉଛି

ଏବେ ଆଉ ନାହିଁ
ସନିଆର ସେ ଜୀର୍ଣ୍ଣ କୁଟୀର
ଯୋଉଠି ସବୁବେଳେ ଭୋକ ମାନେ ରୁଣ୍ଡ ହେଉଥିଲେ
ଏବେ ଆଉ ନାହିଁ ତାର ଜୀର୍ଣ୍ଣ ଶରୀର
ଯୋଉଠି ରକ୍ତଚକ୍ଷୁ ସବୁବେଳେ ଉତ୍ପାତ କରୁଥିଲେ
ଏବେ ନାହିଁ ସେ ବିବଶ ଆଖି



ଯିଏ ସ୍ୱପ୍ନ ଦେଖିଲେ ବି ଦଣ୍ଡ ଭୋଗୁଥିଲା
ଏବେ ନାହିଁ ସେ ଦଦରା ଭାଗ୍ୟ
ଯାକୁ ଦଉଡ଼ି ବାନ୍ଧି ଶିକାରେ ସେ
ଥୋଇ ଦେଇଥିଲା
ଏବେ ନାହିଁ ସେ ଏରୁଣ୍ଡି
ଯୋଉଠି ତା ପାଇଁ ତିନି ଗାର ଟଣା ହୋଇଥିଲା

ଏବେ ଘରିଆଡ଼େ ମହୋତ୍ସବ
ପ୍ରତି ଘରେ ଦୀପାବଳୀର ଆଲୋକ ପର୍ବ
ମହୋତ୍ସବ ଆଶା ଆଉ ଆକାଂକ୍ଷାର
କିଛି ନୂତନତ୍ୱର



ମୋର କିନ୍ତୁ ଅଜବ ସଉକ
ଆଛି ମାଳତୀ
କହିଲୁ ଦେଖି ସ୍ୱାଧୀନତାର ମାନେ
ସେ ଆଖି ବଡ଼ବଡ଼ କଲା
କହିଲା ଇ କଥା ଜାନିନ କି
ସ୍ୱାଧିନତା ବଇଲେ ପତାକା ପରା
ପତାକା
ହଁ ଦିଦି ହେଇ ଯୋଉ ତିନିରଙ୍ଗର କପଡା
ତା ତ ସ୍ୱାଧିନତା

ଶୁଣ ମାଳତୀ
ନା ଦିଦି ସେତିକି ଥାଉ
ମୁଁ ଯାଏ ଆଉ ତିନିଘରେ କାମ କରିବି
ଗେରସ୍ତ ନହିଲେ ଧୁମ ବାଡାଉଛି
ସେ ବାଡିଆ ଖାଲି ପିଉଛି
ଏଇ ଦେଖୁନ ସେ ଦାଗ
ଏବେ ବି ମୋ ପିଠିରେ ଅଛି

ଦିଦି ଆଉ ଗୋଟେ କଥା
କାଲି ସକାଳୁ ସେ ସନେଇ ଝିଅର ପତ୍ତା ମିଳୁନି
କେତେ ଟାହିଟାପରା
ପୁଲିସ କହିଲା ଚୁପ ରୁହ
ଏବେ ସ୍ୱାଧିନତାର ଅମୃତ ମହୋତ୍ସବରେ
କୁଆଡେ ସେମାନେ ଫୁଲ ବିକି
ସ୍ୱାଧିନତା ଦିବସ ସରିଯାଉ
ପରେ ଖୋଜିବା ନି କି

ଇଂରେଜ କିଏ କି ଦିଦି
ମୁଁ କହିଲି ସେମାନେ ଆମ ଦେଶକୁ ଶାସନ କରୁଥିଲେ
ଶାସନ ମାନେ ?
ଆମେ ତାଙ୍କ ଦୟାରେ ଥିଲା
ଆମ ଦେଶ ଲୁଟ କରି ତାଙ୍କ ଦେଶ ସଜାଉଥିଲେ
ଓଃ ଏକଥା କହୁନ
ସେମାନେ ହାକିମ ଆମେ ଗୋଲାମ
ହଁ ଠିକ ବୁଝିଲୁ
ହେଲେ ମୁଁ ତ ଭୋଗିନି
ସତେ ଗୋ ତୁମର ତ ଯେନ କଥାନି ନା
ମୁଁ ଯାଏ
କାଲି ଆସିବିନି
ମୁଁ କହିଲି କାହିଁକି
ସେ କହିଲା କାଲି ପରା ସ୍ୱାଧିନତା ଦିବସ ଗୋ
ପତାକା ଧରି ବୁଲିବି ।



*କୁଚିଣ୍ଡା, ସମ୍ବଲପୁର*
*ମୋ- ୭୮୯୪୬୬୧୧୨୩*



# ବିବର୍ଣ୍ଣ ନୀଳିମା

*ଶରତ ଦାଶ*

ତୁମେ କି ଦେଖିଛ କେବେ
ଆକାଶର ବିବର୍ଣ୍ଣ ନୀଳିମା
ମଧ୍ୟାହ୍ନରେ ନିରେଖିଛ
ନିଦାଘର ନିର୍ମମ ଗରିମା
ହାଡ଼ଥରା ଜାଡେ କେବେ ଶୁଣିଛ କି
ରାସ୍ତାକଡ ମଣିଷର ସ୍ୱର
ଫୁଙ୍ଗୁଳା ଦେହରେ କେବେ
ବୁଲିଅଛ ଏ ସ୍ମାର୍ଟ ସହର
ପଢ଼ିଛ କି କେବେ ଥରେ
ନିଷ୍ପେସିତ ମଣିଷହୃଦୟ
ଭୋଗିଛ କି କେବେ ଥରେ
କ୍ଷୁଧାତୁର ପେଟ ଅନ୍ତର୍ଦାହ
ଅଙ୍ଗେ କେବେ ନିଭାଇଛ
ଦାରିଦ୍ର୍ୟର ବିଭତ୍ସ କଷଣ
ଅର୍ଥହୀନ ଜୀବନର
ଦୁର୍ବିସହ କୁତ୍ସିତ ଦହନ
ତୁମେ କି ସହିଛ କେବେ
ଦୁର୍ଭାଗ୍ୟର ଚରମ ଆଘାତ
ଘଟିଛି ଘଟଣା ଯାହା
ନଘଟିବା ଥିଲା ସୁନିଶ୍ଚିତ
ଭେଟିଛ କି କେବେ ଥରେ
ଦୁର୍ଦ୍ଦିନରେ ଦରଦୀ ବାନ୍ଧବ

ଲାଘବ କରିଛି ଯିଏ ସବୁ ଦୁଃଖ
ଅସମ୍ଭବ କରିଛି ସମ୍ଭବ
ଆସିଛି କି ଜୀବନରେ କେବେ ଥରେ
କେଉଁ ଏକ ନାରୀ ମହୀୟସୀ
ଆଖିରେ ମିଶାଇ ଆଖି
କହିଛି ଯେ ଭଲପାଏ ବେଶି
ଢାଳିଛି କି ହାତୀ କେବେ
ମୁଣ୍ଡେ ତୁମ ସୁନାର କଳସୀ
ଭାଗ୍ୟବଳେ ହୋଇଛ ରାଜନ
ପ୍ରାପ୍ତ କରି ବହୁ ସୁଖରାଶି
ନିର୍ଜନ ରାତିରେ କେବେ
ଶୁଣିଛ କି ନୀରବତା-ଗୀତି
ଶବ୍ଦହୀନ ଚତୁର୍ଦ୍ଦିଗେ
ମୁଖରିତ ପ୍ରୀତିର ଆରତୀ
ତୁମେ କି ଯୋଡିଛ ହାତ
କେବେ ଥରେ ହୋଇ ନିରୁପାୟ
ଡାକିଛ ହୋଇ କାତର
ରକ୍ଷାକର ଆହେ ଦୟାମୟ
ଜୀବନ ନୁହେଁ ସମ୍ପୂର୍ଣ୍ଣ
ନାହିଁ ଯଦି ଦୁଃଖ ପରାଭବ
ନମିଳିଲା ଯଦି କେବେ
ଅନୁଭବେ ଆଧ୍ୟାତ୍ମିକ ଭାବ ।

*ଭୁବନେଶ୍ୱର*

# ସ୍ୱାଧୀନତା

*ସଂଯୁକ୍ତା ଦାଶ*



କାହିଁ ସ୍ୱାଧୀନତା ?
ନିରୁଦ୍ଦିଷ୍ଟ ଆଜି ସେ
ମୁଷ୍ଟିମେୟଙ୍କ ସ୍ୱାର୍ଥପରତା ସ୍ୱେଚ୍ଛାଚାରିତା
ଆଉ ଉଶୃଙ୍ଖଳତା ଭିତରେ
ଅଣନିଃଶ୍ୱାସୀ ସେ
ଖୋଜୁଛି ନିଜ ସ୍ଥୁଳ ପରିଚୟ ଆଉ ସୂକ୍ଷ୍ମ ପରିଭାଷା

କାହାର ସ୍ୱାଧୀନତା ?
ଭାରତ ମାତାର ?
ଶହେ ସତଚାଳିଶ କୋଟି ଦେଶବାସୀଙ୍କର ?
ନା ସେ ଭିନ୍ନ ପ୍ରଜାତି ନାରୀ ନାମ ଧାରୀ ଜୀବଟିର ?

ଅଗଷ୍ଟ ପନ୍ଦର ଦିନ ସେ ଉଡ୍ଡୀୟମାନ ତ୍ରିରଙ୍ଗା ତଳେ
ମସ୍ତକ ନତ ହୁଏ ସେଇ ଯୋଗ ଜନ୍ମାଙ୍କ ସ୍ମରଣରେ
ଯେଉଁମାନେ ଆତ୍ମବଳି ଦେଇଥିଲେ ଅକୁଣ୍ଠ ଚିତ୍ତରେ
ସ୍ୱାଧୀନତାର ଟୀକା ପିନ୍ଧାଇଦେଇଥିଲେ
ଭାରତମାତାର ଲଲାଟରେ



ଆଜି ବି ମଥାନତ ହୁଏ
ଲଜ୍ଜା ଅପମାନ କ୍ରୋଧ ଆଉ ଘୃଣାରେ
ଭାରତମାତାର ବର୍ବର ପାଷାଣ୍ଡ ଦାୟାଦ କେତୋଟି
ଲୁଟିନେଲେ ସ୍ୱାଧୀନତା ଏ ମାଟିର ସୁକନ୍ୟାର
ଛଡାଇନେଲେ ତାର ସ୍ୱାଧୀନ ନିଃଶ୍ୱାସ
ଖିନ୍ ଭିନ୍ କଲେ ଅନ୍ତରାତ୍ମା ତାର
ଭୂଲୁଣ୍ଠିତ କଲେ ଅସ୍ମିତା ଅସ୍ତିତ୍ୱ ଆଉ ନାରୀତ୍ୱକୁ ତାର
ରାତ୍ରିର ବହଳ ଅନ୍ଧାରରେ ହଜିଗଲା ଅନ୍ତିମ ଚିତ୍କାର ତାର

ସେଦିନ ଭାରତ ମାତାକୁ ସ୍ୱାଧୀନ କରିବାକୁ
ସ୍ୱାଧୀନତା ସଂଗ୍ରାମ କରିବାକୁ ପଡିଥିଲା
ଆଜି ଏ ସ୍ୱାଧୀନ ଦେଶର ପରାଧୀନ କନ୍ୟା ପାଇଁ
ଆଉ ଏକ ମହା ସଂଗ୍ରାମର ଉଦ୍ ଘୋଷଣା କରିବାକୁ ହେବ !!

*ମୋ- ୮୪୨୦୮୯୬୫୪୬*

# ବନ୍ଧୁ, ସମ୍ପର୍କ ଓ ପ୍ରତିଶ୍ରୁତି

*କବିତା ମହାନ୍ତି*

**ବନ୍ଧୁ :** ନୂଆ ବନ୍ଧୁ ଟିଏ ତିଆରି କରିବା ସହଜ
ହେଲେ ବନ୍ଧୁଟିକୁ ବାନ୍ଧି ରଖିବାର କଳା
ଅଛି କି ତୁମ ପାଶେ !!

**ସମ୍ପର୍କ :** ସମ୍ପର୍କ ଯେ ଅତି ମଧୁର
ଯେବେ ତୁମେ ସମ୍ପର୍କକୁ ଜାବୁଡି ରଖିପାର
ଠିକ୍ ସେତେ ଦିନ ଯାଏ
ସଂପର୍କ ସୁନ୍ଦର

**ପ୍ରତିଶ୍ରୁତି:** କାହିଁ ଦିଅ ବାର ବାର ପ୍ରତିଶ୍ରୁତି
ଯେବେ ରଖି ନପାର ପ୍ରତିଶ୍ରୁତି ତୁମର

ବନ୍ଧୁ, ସମ୍ପର୍କ ଓ ପ୍ରତିଶ୍ରୁତି
ତିନିଟି ଠିକ୍ ଏକା ଭଳି
ଗଢ଼ିହୁଏ ସହଜରେ
ବିନା ଶବ୍ଦରେ ବଢ଼ି ଚାଲେ ଆଗକୁ



ଶ୍ରଦ୍ଧା ଚାହେଁ, ଯତ୍ନ ଚାହେଁ
ଦେଖି ହୁଏନି ସିନା
ଅନୁଭବି ହୁଏ

ଯେବେ ଥରେ ହାତ ଛଡା ହୁଏ
ପଛକୁ ଫେରି ଚାହେଁନି ସେ

ବିନା ଶବ୍ଦରେ
ବିନା ଚିତ୍କାରରେ ଚୁର୍‌ମାର୍ ହୋଇଯାଏ

ଆଉ ଚଉହଦିରେ ଖେଳିଯାଏ କିଛି ନୀରବତା ।

*ଶୈଳ ନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*
*ମୋ- ୯୯୩୭୩୪୮୨୫୦*

# ଆଦିଭୂମିର କବି !!

*ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ*

କେଉଁ 'ଶବ୍ଦବ୍ରହ୍ମ' ଉଛୁଳା ପିଆଲା ଜୀବନ ଯାଇଛି ଭରି,
କବି ବଳରାମ ଚାଲିଗଲ ତୁମେ ଆକାଶର ବୁକୁ ଚିରି
ଡଙ୍ଗର ତଳର ମଣିଷ କଥାକୁ କିଏ ସେ ବସିବ ଲେଖି,
କୁଡୁମୁଲୁଗୁମ୍ମା ବାହୁନି କାନ୍ଦୁଛି ତୁମ ଚିତା ନିଆଁ ଦେଖି

କେବେ 'ମେଘଲଗ୍ନା' ମାଲ୍ୟବନ୍ତ ଗିରି ଛୁଇଁ ନ ହେବାର ସ୍ୱର୍ଗ,
କେବେ 'ମାଟିମଗ୍ନା' ଭୋକର ଡହକ ତଥାସ୍ତୁ ଶୋଷିତ ବର୍ଗ
'ଶ୍ୱେତପତ୍ର' ତୁମ ଜୀବନ ଯନ୍ତ୍ରଣା ଡହକ ପଥର ଛାତି,
ଆଲମପକାର ପାହାଡ୍ରୁ ଶୁଭଇ ଲାଲ ସଲାମର ଗୀତି

'କୋଣ୍ଡା କାମ୍ବେରୁ ଖୁଆଡ'ରୁ ଶୁଭେ ମନ୍ତୁରା ସେ ମନ୍ତ୍ରନାଦ,
କମଳା ପୂଜାରୀ ସ୍ମୃତି କେ କହିବ ଶୁଣାଇବ ଆର୍ତ୍ତନାଦ
'ଈଶ୍ୱରଙ୍କ ଭାଡି' ଗଢିଥିଲ ଦିନେ ଚାଲିଗଲ ନିରୋଳାରେ,
ସାରା ଓଡ଼ିଶାଟା ହତବାକ ଆଜି ସବୁରି ହୃଦୟ ଝୁରେ

ମଣିଷ ପରିକା ମଣିଷଟେ ଥିଲ ନଥିଲା ଗରବ ମନେ
ସଫଳତା ଶିଡି ଯେତିକି ଚଢିଛ ମନେଥିବ ସବୁଦିନେ ।



*ଗଡପଳାଶୁଣୀ କଲେଜ,ଢେଙ୍କାନାଳ*
*ମୋ- ୯୪୩୭୮୪୩୨୧୯*

# ଡାଇମଣ୍ଡ ଲିଗ୍ ୨୦୨୪ : ଫାଇନାଲ୍‌ରେ ପଛରେ ପଡ଼ିଲେ ନୀରଜ

**ନୂଆଦିଲ୍ଲୀ**

ଭାରତ ପାଇଁ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ଆଣିଥିବା ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ୨୨ ଅଗଷ୍ଟରୁ ଲୁସାନେ ଡାଇମଣ୍ଡ ଲିଗ୍‌ରେ ଭାଗ ନେଇଛନ୍ତି। ନୀରଜଙ୍କୁ ଏହି ଲିଗ୍‌ରେ ପୁଣିଥରେ ଆକ୍ସନ ମୋଡ୍‌ରେ ଦେଖିବାକୁ ମିଳିଛି। ନୀରଜ ଏହି ଲିଗ୍‌ରେ ୮୯.୪୯ ମିଟର ଥ୍ରୋ କରିଥିଲେ। ଯାହାକି ଚଳିତ ସିଜନରେ ଏପର୍ଯ୍ୟନ୍ତ ତାଙ୍କର ସର୍ବୋତ୍ତମ ଥ୍ରୋ ଥିଲା। ତେବେ ଏହି ଥ୍ରୋ ସତ୍ତ୍ୱେ ଡାଇମଣ୍ଡ ଲିଗ୍ ଫାଇନାଲରେ ନୀରଜ ତାଙ୍କ ସ୍ଥାନ ସୁରକ୍ଷିତ କରିପାରିନଥିଲେ। ଲୁସାନେରେ ଆୟୋଜିତ ଇଭେଣ୍ଟରେ ମୋଟ ୭ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ବର୍ତ୍ତମାନ ସେ ତୃତୀୟ ସ୍ଥାନରେ ଅଛନ୍ତି।

ଫାଇନାଲ୍‌ରେ ନୀରଜଙ୍କ ପୂର୍ବରୁ ଅନ୍ୟ ଦୁଇ ଆଥ୍‌ଲେଟ୍ ପହଞ୍ଚିଛନ୍ତି। ୧୪ ପଏଣ୍ଟ ସହ ଡାଇମଣ୍ଡ ପଏଣ୍ଟ ଟେବୁଲରେ ନୀରଜ ଚୋପ୍ରା ଚତୁର୍ଥ ସ୍ଥାନରେ ଥିବାବେଳେ ଆଣ୍ଡରସନ ପିଟର୍ସ ୯୦.୬୧ ମିଟର ଥ୍ରୋ ସହ ଲୁସାନେ ଡାଇମଣ୍ଡ ଲିଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଏବଂ ଫାଇନାଲ ପାଇଁ ମଧ୍ୟ ସ୍ଥାନ ସୁରକ୍ଷିତ କରିଛନ୍ତି। ଜୋକିଭ୍ ଭାଲଡିଚ ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଏବଂ ସେ ମଧ୍ୟ ତାଙ୍କ ସ୍ଥାନ ନିଶ୍ଚିତ କରିଛନ୍ତି। ନୀରଜଙ୍କ ବ୍ୟତୀତ ଜୁଲିଆନ ୱେବର ମଧ୍ୟ ୧୪ ପଏଣ୍ଟରେ ଅଛନ୍ତି ଏବଂ ସେ ମଧ୍ୟ ଫାଇନାଲରେ ପ୍ରବେଶ କରିବାକୁ ଦୌଡ଼ରେ ଅଛନ୍ତି। ଲୁସାନେ ଡାଇମଣ୍ଡ ଲିଗରେ ନୀରଜ ୮୨-୮୨ ମିଟରର ପ୍ରଥମ ଚାରିଟି ଥ୍ରୋ ଫିଙ୍ଗିଥିଲେ, ଏହା ପରେ ସେ ୮୫.୫୮ ମିଟରର ପଞ୍ଚମ ଥ୍ରୋ ଫିଙ୍ଗିଥିଲେ ଏବଂ ୮୯.୪୯ର ଶେଷ ଥ୍ରୋ ସହିତ ସେ ଲୁସାନେରେ ତୃତୀୟ ସ୍ଥାନରେ ରହିଛନ୍ତି।



# ରୋମାଞ୍ଚକର ସ୍ଥିତିରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍

**ନୂଆଦିଲ୍ଲୀ**

ଗୋଲ୍ଡକୋଷ୍ଟ ଗ୍ରାଉଣ୍ଡରେ ଖେଳାଯାଉଥିବା ଭାରତୀୟ ମହିଳା ଏ ଦଳ ଏବଂ ଅଷ୍ଟ୍ରେଲିଆ ମହିଳା ଏ ଦଳ ମଧ୍ୟରେ ଚାରି ଦିନିଆ ଟେଷ୍ଟର ଦ୍ୱିତୀୟ ଦିନରେ ଖେଳ ଅତ୍ୟନ୍ତ ରୋମାଞ୍ଚକର ଥିଲା। ଦ୍ୱିତୀୟ ଦିନରେ ମୋଟ ୧୫ ୱିକେଟ ପଡ଼ିଥିଲା। ଭାରତୀୟ ଦଳ ପ୍ରଥମ ଇନିଂସ ୧୮୪ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିୟା ମହିଳା ଏ ଦଳ ଦିନିକିଆ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୭ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଛି। ଦ୍ୱିତୀୟ ଦିନର ଖେଳରେ କେଟ ପିଟରସେନ ଅଷ୍ଟ୍ରେଲିଆ ପାଇଁ ୫ ୱିକେଟ ନେଇଥିବାବେଳେ ଭାରତ ପାଇଁ ଅଧିନାୟକ ମିନୁ ମନି ପୁଣିଥରେ ଚମତ୍କାର ପ୍ରଦର୍ଶନ କରି ୫ ୱିକେଟ ନେଇଥିଲେ।

ଏହି ଅଣଔପଚାରିକ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ଖେଳ ଶେଷରେ ଅଷ୍ଟ୍ରେଲୀୟ ଏ ଦଳର ପ୍ରଥମ ଇନିଂସ ୨୧୨ ରନରେ ସୀମିତ ଥିବାବେଳେ ଭାରତୀୟ ମହିଳା ଏ ଦଳ ମଧ୍ୟ ୨ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିନର ଖେଳ ଆରମ୍ଭ ହେବା ସହିତ କେବଳ ଅଷ୍ଟ୍ରେଲିଆ ଦଳ ସେତେଟା ଭଲ ବୋଲିଂ ପ୍ରଦର୍ଶନ କରିନଥିବା ଦେଖାଯାଇଛି। ସେମାନେ ମଧ୍ୟ ପ୍ରଥମ ଇନିଂସ ଆଧାରରେ ୨୮ ରନ୍ ଆଗୁଆ ରହିଛନ୍ତି।

ଭାରତୀୟ ଏ ଦଳର ପ୍ରଥମ ଇନିଂସରେ କେବଳ ୧୮୪ ରନ୍ କରିଥିଲା। ଶ୍ୱେତା ସେହରାୱତ ୪୦ ରନ୍‌ର ଇନିଂସ ଖେଳିଥିଲେ, ତେଜଲ ହାସାବିନ୍ସ ୩୨ ରନ ଖେଳିଥିଲେ, ଶୁଭା ସତୀଶ ୨୨ ରନ ଏବଂ ସାୟଲି ସଟଘାରେ ୨୧ ରନ୍‌ର ଇନିଂସ ଖେଳିଥିଲେ। ଅଷ୍ଟ୍ରେଲୀୟ ମହିଳା ଏ ଦଳ ପାଇଁ ଏହି ଇନିଂସରେ କେଟ ପିଟରସନ ୫ ୱିକେଟ ନେଇଥିବାବେଳେ ମାଟାଲନ ବ୍ରାଉନ, ନିକୋଲା ହାନକକ, ଚାର୍ଲି ନଟ ଏବଂ ଲିଲି ମିଲ୍ସ ପ୍ରତ୍ୟେକ ଗୋଟିଏ ଗୋଟିଏ ୱିକେଟ ନେଇଥିଲେ।



# ଦିଲ୍ଲୀ ପୋଲିସ ବିରୋଧରେ ବଡ଼ ଅଭିଯୋଗ ଆଣିଲେ ଭିନେଶ ଫୋଗଟ

**ନୂଆଦିଲ୍ଲୀ**

ଭାରତୀୟ ରେସଲର ଭିନେଶ ଫୋଗଟ ଦିଲ୍ଲୀ ପୋଲିସ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଭିନେଶ ଫୋଗଟ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, କୋର୍ଟରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ସାକ୍ଷ୍ୟ ଦେଉଥିବା ମହିଳା ରେସଲରଙ୍କ ସୁରକ୍ଷାକୁ ଦିଲ୍ଲୀ ପୋଲିସ ହଟାଇ ଦେଇଛି। ଦିଲ୍ଲୀ ପୋଲିସ ବ୍ୟତୀତ ଭାରତୀୟ ରେସଲର ଦିଲ୍ଲୀ ମହିଳା ଆୟୋଗକୁ ମଧ୍ୟ ଟ୍ୟାଗ୍ କରିଛନ୍ତି।

ଭିନେଶ ଫୋଗଟ ଦାବି କରିଛନ୍ତି, ବ୍ରିଜଭୂଷଣଙ୍କ ବିରୋଧରେ କୋର୍ଟରେ ସାକ୍ଷ୍ୟ ଦେଉଥିବା ମହିଳା ରେସଲରଙ୍କ ସୁରକ୍ଷା ନିଆଯାଇଛି, କିନ୍ତୁ ଦିଲ୍ଲୀ ପୋଲିସ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ଏ ସମ୍ପର୍କରେ ଦିଲ୍ଲୀ ପୋଲିସ କହିଛି ଯେ ସୁରକ୍ଷା ପ୍ରତ୍ୟାହାର କରିବାର କୌଣସି ଆଦେଶ ନାହିଁ। ଯଦି ସୁରକ୍ଷା କର୍ମୀଙ୍କ ପହଞ୍ଚିବାରେରେ ବିଳମ୍ବ ହେଉଛି ତେବେ ଏହାର ଅନୁସନ୍ଧାନ କରାଯାଉଛି। ଭିନେଶଙ୍କ ବ୍ୟତୀତ ରିଓ ଅଲିମ୍ପିକ୍ସରେ ପଦକ ଜିତିଥିବା ସାକ୍ଷୀ ମଲିକଙ୍କ ସମେତ ଅନ୍ୟାନ୍ୟ କୁସ୍ତିଯୋଦ୍ଧା ବ୍ରିଜଭୂଷଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। ସେତେବେଳେ ବ୍ରିଜଭୂଷଣ ସିଂ ଭାରତୀୟ ରେସଲିଂ ଆସୋସିଏସନର ସଭାପତି ଥିଲେ। ତାଙ୍କ ବିରୋଧରେ ଯନ୍ତରମନ୍ତରରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏଥି ସହିତ ନିକଟରେ ଦିଲ୍ଲୀର ଆଭେନ୍ୟୁ କୋର୍ଟ ବ୍ରିଜଭୂଷଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏଥି ସହ ଭାରତୀୟ ରେସଲିଂ ଆସୋସିଏସନର ତତ୍କାଳୀନ ସଭାପତି ବ୍ରିଜଭୂଷଣଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ପରେ ସେ ସ୍ଥାନୀୟ କୋର୍ଟରୁ ଜାମିନ ପାଇଥିଲେ।

# କ୍ରିକେଟର ସାକିବ ଅଲ ହାସନଙ୍କ ନାଁରେ ରୁଜୁ ହେଲା ହତ୍ୟା ମାମଲା



**ନୂଆଦିଲ୍ଲୀ**

ବାଂଲାଦେଶ କ୍ରିକେଟ ଟିମ୍‌ର ଷ୍ଟାର ଅଲରାଉଣ୍ଡର ସାକିବ ଅଲ ହାସନଙ୍କ ଅଡୁଆ ବଢ଼ିଛି। ବର୍ତ୍ତମାନ ପାକିସ୍ତାନ ବିପକ୍ଷରେ ବାଂଲାଦେଶ ପାଇଁ ଟେଷ୍ଟ ମ୍ୟାଚ୍ ଖେଳୁଥିବା ସାକିବଙ୍କ ନାଁରେ ରୁଜୁ ହୋଇଛି ହତ୍ୟା ମାମଲା।

ଅଗଷ୍ଟ ୭ରେ ବାଂଲାଦେଶରେ ଦେଖା ଦେଇଥିବା ହିଂସାରେ ରୁବେଲ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ବାପା ରଫିକୁଲ ଇସଲାମ ଏନେଇ ସାକିବଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ୍ ସାକିବଙ୍କ ନାଁରେ ହତ୍ୟା ମାମଲା ରୁଜୁ କରିଥିବା ଢାକା ଟ୍ରିବ୍ୟୁନରେ ଖବର ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ଅଦାବୋରରେ ଥିବା ରିଙ୍ଗ ରୋଡ୍‌ରେ ଆୟୋଜିତ ରାଲିରେ ରୁବେଲ ସାମିଲ ହୋଇଥିଲେ। ଏହି ସମୟରେ ରୁବେଲଙ୍କ ଛାତି ଓ ତଳି ପେଟରେ ଗୁଳି ମାଡ଼ ହେବାରୁ ତାଙ୍କୁ ହସ୍ପିଟାଲ ନିଆ ଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପଛରେ ସାକିବ ଥିବା ରୁବେଲଙ୍କ ବାପା ଅଭିଯୋଗ କରିଥିଲେ। ଏନେଇ ସେ ଢାକା ପୁଲିସ୍ ଷ୍ଟେସନରେ ସାକିବଙ୍କ ସମେତ ଅନେକ ଲୋକଙ୍କ ନାଁରେ ଏଫଆଇଆର ଦେଇଥିଲେ। ପୁଲିସ୍ ରୁଜୁ କରିଥିବା ମାମଲରେ ସାକିବ ହେଉଛନ୍ତି ୨୮ମ ଅଭିଯୁକ୍ତ। ସେହିପରି ବାଂଲାଦେଶ ଅଭିନେତା ଫେରଡସ ଅହମଦଙ୍କୁ ୫୫ତମ ଅଭିଯୁକ୍ତ ଭାବେ ଦର୍ଶା ଯାଇଛି। ଉଭୟ ଶେଖ ହସିନାଙ୍କ ଆବାମୀ ଲିଗର ସାଂସଦ ରହିଥିଲେ। ପୁଲିସ ମୋଟ ୧୫୫ ଜଣଙ୍କ ନାଁରେ ମାମଲା କରିଛି। ଏଥିରେ ସାକିବଙ୍କ ସମେତ ଶେଖ ହସିନାଙ୍କ ନାଁ ମଧ୍ୟ ରହିଛି। ଘଟଣାରେ ୪୦୦ରୁ ୫୦୦ ଅଚିହ୍ନା ଲୋକଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଅନ୍ୟପକ୍ଷରେ ବାଂଲାଦେଶ କ୍ରିକେଟ ବୋର୍ଡ ଦଳର ପୂର୍ବତନ ଅଧିନାୟକ ଫାରୁକି ଅହମଦଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛି। ପୂର୍ବରୁ ବିସିବି ସଭାପତି ଭାବେ କାର୍ଯ୍ୟ କରୁଥିବା ନଜମୁଲ ହାସନ ଇସ୍ତଫା ଦେବାରୁ ଅହମଦଙ୍କୁ ଦାୟିତ୍ୱ ଦିଆଯାଇଛି।

# ପ୍ୟାରିସ୍ ଗଲେ ୧୬ ଭାରତୀୟ ଆଥ୍‌ଲେଟ୍

**ନୂଆଦିଲ୍ଲୀ**

ପାରାଲିମ୍ପିକ୍ସ ୨୦୨୪ ପୂର୍ବରୁ ଭାରତୀୟ ଆଥ୍‌ଲେଟିକ୍ସ ଦଳ ପ୍ୟାରିସ୍‌କୁ ଆଗୁଆ ଯାତ୍ରା କରିଛି। ସ୍ଥାନୀୟ ପରିବେଶ ସହ ନିଜକୁ ଖାପ୍ ଖୁଆଇବା ପାଇଁ ଭାରତୀୟ ଆଥଲେଟିକ୍ସ ଦଳ ପ୍ରଥମ ବ୍ୟାଚ୍‌ର ଖେଳାଳି ଭାବରେ ଯାତ୍ରା କରିଛନ୍ତି। ଜାଭେଲିନ୍ ଥ୍ରୋୟର ସୁମିତ ଆଣ୍ଟିଲଙ୍କ ନେତୃତ୍ୱରେ ୧୬ ଜଣ ଭାରତୀୟ ଆଥ୍‌ଲେଟ ଯାତ୍ରା କରିଛନ୍ତି। ୧୬ ଜଣ ପାରା ଆଥଲେଟ୍ ପ୍ରଥମ କିଛି ଦିନ ହୋଟେଲରେ ଅବସ୍ଥାନ କରିବେ। ଅଗଷ୍ଟ ୨୫ ତାରିଖରୁ ଗେମ୍ସ ଭିଲେଜ ଖୋଲିବା ପରେ ଖେଳାଳିମାନେ ସେଠାକୁ ଯାତ୍ରା କରିବେ। ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ତାରିଖ ମଧ୍ୟରେ ପାରାଲିମ୍ପିକ୍ସ ଅନୁଷ୍ଠିତ ହେବ। ଆଥଲେଟିକ୍ସର ପ୍ରତିଯୋଗିତା ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ଉଦ୍‌ଯାପନୀ ସମାରୋହ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ପରିବେଶ ସହିତ ଖାପଖୁଆଇବା ପାଇଁ ସୁମିତଙ୍କ ସମେତ ଅନ୍ୟ ଆଥଲେଟମାନେ ନେଲସନ୍ ମଣ୍ଡେଲା ସ୍ପୋର୍ଟସ କମ୍ପ୍ଲେକ୍ସରେ ଅଭ୍ୟାସ କରିବେ ବୋଲି କୋଚ୍ ସତ୍ୟନାରାୟଣ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଭାରତ ଏହାର ଆଥଲେଟିକ୍ସ ଦଳ ନିକଟରୁ ୫ ସ୍ୱର୍ଣ୍ଣ ସହ ୧୨ଟି ପଦକ ଆଶା କରୁଛି ବୋଲି ସତ୍ୟନାରାୟଣ କହିଛନ୍ତି। ଜାପାନର କୋବରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନସିପରେ ସମାନ ଖେଳାଳିମାନେ ୧୭ ପଦକ ହାସଲ କରିଥିଲେ। ଆଥ୍‌ଲେଟିକ୍ସରେ ୬ଟି ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ସହିତ ୫ ରୌପ୍ୟ ପଦକ ଭାରତ ହାତକୁ ଆସିଥିଲା। ସୁମିତ ଆଣ୍ଟିଲ, ଦୀପ୍ତି ଜୀବନଜୀ, ସଚିନ୍ ଖିଲାରୀ, ଏକତା ଭ୍ୟାନ୍, ସିମରନ୍ ଶର୍ମା ଓ ମରିୟାପ୍ପାନ ଥଙ୍ଗାଭେଲୁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ଦଳ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହିତ ମୋଟ ୧୯ ପଦକ ଜିତିଥିଲା। ଚଳିତ ବର୍ଷ ଭାରତ ଏହାର ପାରାଲିମ୍ପିକ୍ସ ଇତିହାସର ସର୍ବବୃହତ ୮୪ ଜଣିଆ ଦଳ ପ୍ରେରଣ କରିଛି। ଏହା ମଧ୍ୟରୁ ୩୮ ଜଣ ପାରା ଆଥଲେଟ ରହିଛନ୍ତି। ପୂର୍ବରୁ ପାରାଲିମ୍ପିକ୍ସ କମିଟି ସଭାପତି ଦେବେନ୍ଦ୍ର ଝାଝରିଆ ଭାରତ ସମୁଦାୟ ୨୫ ପଦକ ଜିତିବାର ସମ୍ଭାବନା ଥିବା ମତ ଦେଇଥିଲେ। ଚଳିତ ପ୍ୟାରିସ୍ ଅଲିମ୍ପିକ୍ସ ପରି ପାରାଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ମଧ୍ୟ ଷ୍ଟାଡିୟମ ବାହାରେ ଅନୁଷ୍ଠିତ ହେବ। ଚାମ୍ପ ଡି ଏଲିସ୍‌ରୁ ପ୍ଲେସ୍ ଡି ଲା କନକର୍ଡ ଯାଏ ଉଦ୍ ?ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଜାଭେଲିନ୍ ତାରକା ସୁମିତ ଆଣ୍ଟିଲ ଓ ଶଟ୍‌ପୁଟର ଭାଗ୍ୟଶ୍ରୀ ଯାଦବ ଭାରତର ପତାକା ବାହକ ରହିବେ।




# ମାତ୍ର ୨୪ ବର୍ଷ ବୟସରେ ଟେବୁଲ ଟେନିସ ଛାଡ଼ି ଦେଲେ ଅର୍ଚ୍ଚନା କାମଥ



**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତର ମହିଳା ଟେବୁଲ ଟେନିସ୍ ଟିମ୍ ଇତିହାସ ରଚିଥିଲା। ଦଳ ପ୍ରଥମଥର ପାଇଁ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ତେବେ କ୍ୱାର୍ଟର ଫାଇନାଲରେ ଦଳ ଜର୍ମାନୀ ଠାରୁ ହାରି ବିଦାୟ ନେଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ପକ୍ଷରୁ କେବଳ ୨୪ ବର୍ଷୀୟ ଅର୍ଚ୍ଚନା କାମଥ ଗୋଟିଏ ଗେମ୍ ଜିତିବାକୁ ସକ୍ଷମ ହୋଇଥିଲେ। ଭାରତ ଉକ୍ତ ମ୍ୟାଚ୍‌କୁ ୧-୩ରେ ହାରିଥିଲା। ତଥାପି କ୍ୱାର୍ଟର ଫାଇନାଲରେ ଦଳ ପହଞ୍ଚିବା ଭାରତ ଇତିହାସରେ ପ୍ରଥମ ଘଟଣା ଥିଲା। ୨୦୨୮ ଲସ୍ ଏଞ୍ଜେଲସରେ ମଧ୍ୟ ଭାରତର ପଦକ ଜିତିବା ସମ୍ଭାବନାର କ୍ଷୀଣ ଥିବାରୁ ଅର୍ଚ୍ଚନା ଟେବୁଲ ଟେନିସକୁ ଅଲବିଦା କହିଛନ୍ତି। ସେ ଟିଟିକୁ ବାଏବାଏ କହିବା ସହ ବିଦେଶରେ ପାଠପଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

# ପଟସରା ପଞ୍ଚାୟତର ନାଏବ ସରପଞ୍ଚ ହେଲେ ଲକ୍ଷ୍ମୀପ୍ରିୟା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଜଗତସିଂହପୁର ବ୍ଲକ ପଟସରା ପଞ୍ଚାୟତରେ ଗୁରୁବାର ନାଏବ ସରପଞ୍ଚ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ନମ୍ବର ବିଜେଡି ସମର୍ଥିତ ୱାର୍ଡ଼ ସଭ୍ୟା ଲକ୍ଷ୍ମୀପ୍ରିୟା ରାଉତ ଅନୁଷ୍ଠିତ ଉପନିର୍ବାଚନରେ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ଯେ, ଉକ୍ତ ପଞ୍ଚାୟତରେ ପୂର୍ବରୁ ଥିବା ନାଏବ ସରପଞ୍ଚ ଗତ କିଛିଦିନ ତଳେ ଅସୁସ୍ଥ ଯୋଗୁଁ ମୃତ୍ୟୁବରଣ କରିଥିଲେ। ଗତ କିଛି ମାସ ଧରି ଏହି ପଦବୀ ଖାଲିପଡିଥିବା ବେଳେ ଗୁରୁବାର ଉକ୍ତ ପଦବୀ ପାଇଁ ଉପନିର୍ବାଚନ ହୋଇଥିଲା।

# ଜ୍ୱର ଓ ଉଚ୍ଚ ରକ୍ତଚାପରେ ବ୍ୟବହୃତ ୧୫୬ ପ୍ରକାର ଔଷଧ ନିଷିଦ୍ଧ

**ନୂଆଦିଲ୍ଲୀ**

ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ୧୫୬ ପ୍ରକାର ଆଣ୍ଟିବାୟୋଟିକ୍, ପେନ୍‌କିଲର ଓ ମଲ୍ଟିଭିଟାମିନ୍ ଔଷଧ ନିଷିଦ୍ଧ କରିଛନ୍ତି କେନ୍ଦ୍ର ସରକାର। ଏନେଇ ଏକ ସମୀକ୍ଷା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହି ଔଷଧର ଉତ୍ପାଦନ, ବିକ୍ରି ଓ ବିତରଣକୁ ବାରଣ କରିଛି। ଜ୍ୱର ଓ ଉଚ୍ଚ ରକ୍ତଚାପ କ୍ଷେତ୍ରରେ ବ୍ୟବହାର ହେଉଥିବା ୧୫୬ ପ୍ରକାର ଔଷଧ (ଆଣ୍ଟିବାୟୋଟିକ୍, ଆଣ୍ଟି ଆଲର୍ଜିକ୍ସ, ପେନ୍‌କିଲର ଓ ମଲ୍ଟିଭିଟାମିନ୍) କୁ ସମୀକ୍ଷା କରାଯାଇ ଥିବା ବେଳେ ଏହା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଜଣାପଡ଼ିଥିଲା। ଫଳରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଗୁରୁବାର ଗେଜେଟ୍ ବିଜ୍ଞପ୍ତି ଜାରି କରି ଏହି ଔଷଧର ଉତ୍ପାଦନ, ବିକ୍ରି ଓ ବିତରଣକୁ ବାରଣ କରିଛି। ବୈଷୟିକ ଔଷଧ ପରାମର୍ଶଦାତା ପରିଷଦ (ଡିଟିଏବି) ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟିର ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଏବଂ ଡିଟିଏବି ପକ୍ଷରୁ ଏହି ମାମଲା ଯାଞ୍ଚ କରାଯାଇଥିଲା। ଉକ୍ତ ଔଷଧରେ ଥିବା ଉପାଦାନଗୁଡ଼ିକର କୌଣସି ଚିକିତ୍ସା ସମ୍ବନ୍ଧୀୟ ଯଥାର୍ଥତା ନାହିଁ ବୋଲି ଉଭୟ ସଂସ୍ଥା ପରାମର୍ଶ ଦେଇଥିଲେ। ଉକ୍ତ ଔଷଧଗୁଡ଼ିକରେ ମେଫେନାମିକ୍ ଏସିଡ୍ ଏବଂ ପାରାସିଟାମଲ୍ ଇଞ୍ଜେକ୍ସନର ଏକ ମିଶ୍ରଣ ରହିଛି, ଯାହା ବିଭିନ୍ନ ଯନ୍ତ୍ରଣା ଏବଂ ଫୁଲା କମାଇବା ପାଇଁ ବ୍ୟବହୃତ ହୁଏ। ପେଟ ଯନ୍ତ୍ରଣା କମାଇବା ପାଇଁ ଓମେଟ୍ରାଜୋଲ୍ ମ୍ୟାଗ୍ନେସିୟମ୍ ଏବଂ ଡିସାଇକ୍ଲୋମାଇନ୍ ଏମ୍‌ସିଆଇର ମିଶ୍ରଣ ରହିଛି। ଏଥିସହ ମଧୁମେହ ରୋଗୀଙ୍କ ଫ୍ୟାଟି ଲିଭରର ଚିକିତ୍ସା ପାଇଁ ବ୍ୟବହୃତ ଉସୋଡେ ଗ୍ଲାଇକୋଲିକ୍ ଏସିଡ୍, ମେଟଫର୍ମିନ୍ ଏନ୍‌ସିଆଇ ମିଶ୍ରଣ ଏବଂ ଚର୍ମ ସଂକ୍ରମଣକୁ ରୋକିବା ଓ ଚିକିତ୍ସା ପାଇଁ ବ୍ୟବହୃତ ପୋଭିଡୋନ୍ ଆୟୋଡିନ୍, ମେଟ୍ରୋନିଡାଜୋଲ, ଆଲୋର ମିଶ୍ରଣ ରହିଛି। ଉକ୍ତ ଔଷଧର ବ୍ୟବହାର ଦ୍ୱାରା ବିପଦ ଆଶଙ୍କା ଥିବାବେଳେ ଉକ୍ତ ଔଷଧର ନିରାପଦ ବିକଳ୍ପ ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଔଷଧ ଓ ପ୍ରସାଧନ ସାମଗ୍ରୀ ଅଧିନିୟମ ୧୯୪୦ର ଧାରା ୨୬ଏ ଅନୁଯାୟୀ ଉକ୍ତ ୧୫୬ ପ୍ରକାର ଔଷଧର ଉତ୍ପାଦନ, ବିକ୍ରି ଓ ବିତରଣକୁ ବାରଣ କରାଯାଇଛି।

# ଖଣି ମାଫିଆଙ୍କ ଦୌରାତ୍ମ୍ୟ : ସରକାରୀ ବାବୁଙ୍କୁ ପିଟିବା ସହ ଗାଡ଼ି ଭଙ୍ଗାରୁଜା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲାରେ ପୁଣି ଆରମ୍ଭ ହୋଇଛି ଖଣି ମାଫିଆଙ୍କ ଦୌରାତ୍ମ୍ୟ। ଦିନ ଦ୍ୱିପ୍ରହରରେ ୫ ଜଣ ସରକାରୀ ଅଧିକାରୀଙ୍କୁ ଗୋଡ଼େଇ ପିଟିବା ସହିତ ସେମାନଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆରେ ଘଟିଥିବା ଏହି ଘଟଣା ପ୍ରଶାସନିକସ୍ତରରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଖୋର୍ଦ୍ଧା ଖଣି ଅଧିକାରୀ ଜଗନ ବେହେରାଙ୍କ କହିବା ମୁତାବକ, ଜିଲ୍ଲାରେ ନୂଆ ଖଣି ଚିହ୍ନଟ ପାଇଁ ଗତ କିଛି ଦିନ ହେଲା ପାଞ୍ଚ ବିଭାଗର ଅଧିକାରୀଙ୍କୁ ନେଇ ଯାଞ୍ଚ ଚାଲିଛି। ବଡ଼ପୋଖରିଆ ଗାଁକୁ ଯାଞ୍ଚ ଟିମ୍ ଯାଇଥିଲା। ଟିମ୍‌ରେ ଜଙ୍ଗଲ ବିଭାଗର ଏସିଏଫ୍ ସୁଶାନ୍ତ କୁମାର ବନ୍ଧ, ଭୂତତ୍ତ୍ୱ ବିଜ୍ଞାନୀ ସୁଶାନ୍ତ ବେହେରା, ପରିବେଶ ବିଜ୍ଞାନୀ ସ୍ମୃତିରଞ୍ଜନ ପ୍ରଧାନ, ସର୍ଭେୟର ମାନସରଞ୍ଜନ ମହାନ୍ତ ଓ ରାଜସ୍ୱ ସୁପରଭାଇଜର ଟୁଟୁ ସ୍ୱାଇଁ ଯାଇଥିଲେ। ସର୍ଭେ ସରିବା ପରେ ଏହି ପାଞ୍ଚ ବିଭାଗର ଅଧିକାରୀ ଦୁଇଟି ଗାଡ଼ିରେ ଗାଁରୁ ଫେରୁଥିଲେ। ଅପରାହ୍ଣ ପ୍ରାୟ ୩ଟା ସମୟରେ ବଡ଼ପୋଖରିଆ ଶଅରସାହି ନିକଟରେ ହଠାତ୍ ଦଳେ ଲୋକ ସଂଘବଦ୍ଧ ହୋଇ ଗାଡ଼ିକୁ ଅଟକାଇବା ସହିତ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ଟେକାପଥର ମାରି ଦୁଇ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଉଭୟ ଗାଡ଼ିର ଡ୍ରାଇଭର, ମାଇନିଂ ଅଫିସର, ରାଜସ୍ୱ ସୁପରଭାଇଜରଙ୍କୁ ନିର୍ଘାତ ମାଡ଼ ମାରିଥିଲେ। ଖଣି ଅଧିକାରୀ ଶ୍ରୀ ବେହେରାଙ୍କ ମୋବାଇଲ୍ ଛଡ଼ାଇ ନେଇ ଦୁର୍ବୃତ୍ତମାନେ ଫଟୋ ଡିଲିଟ୍ କରି ଦେଇଛନ୍ତି। ଏ ସଂପର୍କରେ ଖଣି ଅଧିକାରୀ ଶ୍ରୀ ବେହେରା କହିଛନ୍ତି ଯେ ସେ ନିରାକାରପୁର ଥାନାରେ ଅନଲାଇନରେ ୧୭ ଜଣଙ୍କ ନାମରେ ଏତଲା ଦେଇଛନ୍ତି। ଖଣି ବିଭାଗର ଡେପୁଟି ଡାଇରେକ୍ଟରଙ୍କ କହିବା କଥା ହେଲା ଜିଲ୍ଲାବ୍ୟାପି ଖଣି ସର୍ଭେ ଚାଲିଛି। ସର୍ଭେ ପାଇଁ ଯାଇଥିବା ବେଳେ ଖଣି ଅଧିକାରୀ, ବନ ବିଭାଗ ଅଧିକାରୀଙ୍କୁ ଦଳେ ଲୋକ ମାଡ଼ ମାରିବା ସହିତ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ବିଭାଗ ପକ୍ଷରୁ ୧୭ ଜଣଙ୍କ ନାମରେ ଏତଲା ଦିଆଯାଇ ଥିବା ସେ ସ୍ପଷ୍ଟ କରିଛନ୍ତି। ଏନେଇ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କୁ ପଚାରିବାରେ ସେ କହିଥିଲେ ଯେ ଯଦିଓ ବର୍ତ୍ତମାନ ସୁଦ୍ଧା ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଏଭଳି ଖବର ପାଇ ପୁଲିସ ଘଟଣା ସ୍ଥଳକୁ ଯାଇଥିଲା। ଘଟଣା ସ୍ଥଳରେ କେହି ନଥିବା ବେଳେ ଗାଡ଼ିର ଭଙ୍ଗା କାଚ ସେଠାରେ ପଡ଼ିଥିବା ଦେଖିବାକୁ ମିଳିଥିଲା ବୋଲି ସେ ସୂଚନା ଦେଇଛନ୍ତି। ଚଳିତବର୍ଷ ଖଣି ବିଭାଗ ଉପରେ ଏହା ଦ୍ୱିତୀୟଥର ଆକ୍ରମଣ ଜାନୁଆରୀ ୧୪ ତାରିଖରେ ଖୋର୍ଦ୍ଧା ଟାଉନ୍ ଥାନା ଅଞ୍ଚଳର ଏକ ଖଣି ଭିତରେ ଖଣି ଅଧିକାରୀ ଶ୍ରୀ ବେହେରାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଖଣି ବିଭାଗ ସହିତ ଅନ୍ୟ ବିଭାଗର ଅଧିକାରୀଙ୍କୁ ଗାଁ ଭିତରେ ସଂଘବଦ୍ଧ ଆକ୍ରମଣ ସରକାରୀ ଅଧିକାରୀ ମହଲରେ ଆତଙ୍କ ଖେଳାଇ ଦେଇଛି।



# ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳ ପରିଦର୍ଶନ କଲେ ସାଂସଦ ଓ ମେୟର

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ ହେବାକୁ ଥିବା ସ୍ୱାଧୀନତା ସଂଗ୍ରାମର ସିପାହୀ ସହିଦ ବକ୍ସି ଜଗବନ୍ଧୁଙ୍କ ୧୨.୫ ଫୁଟ ଉଚ୍ଚ ବ୍ରୋଞ୍ଜ ପ୍ରତିମୂର୍ତ୍ତି କାର୍ଯ୍ୟ ଚାଲୁଥିବା ବକ୍ସି ବଜାର ଛକରେ ଅପରାହ୍ଣ ୪ଟା ସମୟରେ ପହଞ୍ଚିଥିଲେ କଟକ ସାଂସଦ ଭର୍ତ୍ତୃହରି ମହତାବ ଓ କଟକ ମେୟର ସୁବାସ ସିଂ। ପ୍ରତିମୂର୍ତ୍ତି ସ୍ଥଳ ପରିଦର୍ଶନ କରିବା ସହ ଉକ୍ତ ପ୍ରତିମୂର୍ତ୍ତି ସ୍ଥଳର ଚାରିପଟେ ଭିନ୍ନ ଭିନ୍ନ ରଙ୍ଗର ଆଲୋକୀକରଣ, ସୁନ୍ଦର ଫୁଲ ଗଛ ଲଗାଇବା ପାଇଁ ଇଚ୍ଛା ପ୍ରକଟ କରି ପ୍ରସ୍ତାବ ଦେଇଥିଲେ। ଖୁବ୍ ନିକଟରୁ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଦେଖି ଉଭୟ ନେତା ଆନନ୍ଦ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ କି ଏହି ସମୟରେ ବକ୍ସି ବଜାର ଛକ ନିକଟରେ ଥିବା ସମାଜ ଅଫିସ ନିକଟବର୍ତ୍ତୀ ଅଞ୍ଚଳର ପରିମଳ, ସ୍ୱାସ୍ଥ୍ୟ ଓ ସଫେଇ ରାସ୍ତା ଘାଟ ଆଦିର ସ୍ଥିତି ପରଖିବାକୁ ମେୟର ଶ୍ରୀ ସିଂ ହଠାତ ସେଠାରେ ପହଞ୍ଚିଥିଲେ। ସମାଜ ଅଫିସ ସମ୍ମୁଖ ରାସ୍ତାରେ କଲଭର୍ଟରୁ ପାଣି ବାହାରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଦେଖି ମେୟର ସୁବାସ ସିଂ ତତ୍‌କ୍ଷଣାତ ବିଭାଗୀୟ ଅଧିକାରୀଙ୍କୁ ଡାକି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ମେୟର ସୁବାସ ସିଂହଙ୍କ ସହିତ କଟକ ସଂସଦ ଭର୍ତ୍ତୃହରି ମହତାବ, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ତଥା କର୍ପୋରେଟର ଏ. ଶ୍ରୀଦେବୀ, କର୍ପୋରେଟର ଲିଜା ରାଣୀ ରାଉତ, ସି.ଏମ.ସି ଯନ୍ତ୍ରୀ ସୁବାସ ସାହୁ, ଅନ୍ୟାନ୍ୟ ଅଧିକାରୀ, ବକ୍ସି ବଜାର ପୂଜା କମିଟି ସଭାପତି ସଲିଲ ଘୋଷ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶହ ଶହ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବଦଳୁନି ନଗଡ଼ାର ଚିତ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନଗଡ଼ା ଯାହା ୨୦୧୬ରେ ପୁଷ୍ଟିହୀନତା ଓ ଶିଶୁମୃତ୍ୟୁ ପାଇଁ ଦେଶ ବିଦେଶରେ ଚହଳ ସୃଷ୍ଟି କରିଥିଲା। ୮ ବର୍ଷ ପରେ ବି ସେଠିକାର ସ୍ଥିତି ବଦଳି ନାହିଁ। ବିଗତ ଆଠ ବର୍ଷ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରିନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳରୁ ୫୦ କିଲୋମିଟର ଦୂର ଅଗମ୍ୟ ପାହାଡ଼ ଶିଖରରେ ଜୁଆଙ୍ଗ ସମ୍ପ୍ରଦାୟ ୧୨୦ ପରିବାର ରହୁଥିବା ଦୁଇଟି ରାଜସ୍ୱ ଗ୍ରାମ ଗୁହିଆଶାଳ, ନଗଡ଼ା ୭ଟି ପଡ଼ାଗ୍ରାମ ଉପର ନଗଡା, ମଝି ନଗଡା, ତଳ ନଗଡା, ଉପର ଗୁଡିଆଶାଳ, ତଳ ଗୁଳିଆଶାଳ, ତୁମୁଣି, ନାଳିଆଡାବକୁ ନେଇ ଗଠିତ ଏହି ଅଞ୍ଚଳ ଲୋକଲୋଚନକୁ ଆସିବାପରେ ୮ ବର୍ଷ ମଧ୍ୟରେ ଭିତ୍ତିଭୂମି ଓ ଆନୁସଙ୍ଗିକ ବିକାଶ ହୋଇଥିଲେ ମଧ୍ୟ ଅପପୁଷ୍ଟିର ମୂଳ ଉତ୍ପାଟନ ହୋଇ ନପାରିବା ବିଡ଼ମ୍ବନାର ବିଷୟ। ନଗଡାର ଉଭୟ ପାର୍ଶ୍ୱ ତୁମୁଣି, ତଳଡିହ ଗ୍ରାମ ପାହାଡ ଶିଖରକୁ ରାସ୍ତା ନଥିବାରୁ ଏହି ଅଞ୍ଚଳରେ ଏବେବି ସ୍ୱାସ୍ଥ୍ୟସେବା ଅପହଞ୍ଚ। ଏବେବି ସାତକୁଳିଆ ପାହାଡର ନଗଡା ବାମ ଓ ଡାହାଣ ପାଏଁ ତୁମୁଣି ଗ୍ରାମରେ ୨ ଜଣ ଅତିଶୟ ଅପପୁଷ୍ଟି ଓ ୪ ଜଣ ମଧ୍ୟମ ଧରଣର ଅପପୁଷ୍ଟି ଶିଶୁ ରହିଛନ୍ତି। ସେହିପରି ତଳଡିହ ଗ୍ରାମରେ ୪ ଜଣ ଅତିଶୟ ଅପପୁଷ୍ଟି ଶିଶୁ ରହିଥିବା ସୂଚନା ମିଳିଛି। ଏହି ଅଞ୍ଚଳର ଅପପୁଷ୍ଟି ନିରାକରଣ ଓ ସାମାଜିକ ବିକାଶ ପାଇଁ ୨୦୧୯ ରୁ ୨୦୨୩ ମଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଅପପୁଷ୍ଟିର ସମ୍ପୂର୍ଣ୍ଣ ନିରାକରଣ ହୋଇ ପାରିନି। ଏହି ଦୁଇ ଗ୍ରାମକୁ ଏଯାଏ ସବୁଦିନିଆ ରାସ୍ତା ସଂଯୋଗ ହୋଇ ନଥିବାରୁ ପୁଷ୍ଟିକର ଖାଦ୍ୟ ଓ ଉପଯୁକ୍ତ ଚିକିତ୍ସାର ଅଭାବରୁ ଶିଶୁଙ୍କ ଜୀବନ ଘୋର ବିପଦରେ ପଡିଛି ବୋଲି ମତପ୍ରକାଶ ପାଇଛି। ନଗଡା ରାଜସ୍ୱ ମୌଜାର ସାମଗ୍ରୀକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରି ସୁଉଚ୍ଚ ପାହାଡ ଚିରି ରାସ୍ତା ନିର୍ମାଣ ହୋଇଛି। ଏହାପରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ, ସାଧାରଣ ବର୍ଣ୍ଟନ ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ନଗଡାଠାରୁ ୨୫ କିମି ଦୂର ବାମ ପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ତୁମୁଣି ଗାଁଟି ପାହାଡ ଶିଖରର ସମତଳ ଭୂମିରେ ରହିଛି। ପାହାଡ଼ ଉପରେ ନିଜ ପରିବାର ଚଳାଇବା ପାଇଁ ଗ୍ରାମବାସୀ ଜଙ୍ଗଲରୁ ଫଳମୂଳ, ମହୁ ସଂଗ୍ରହ କରି ସାପ୍ତାହିକ ହାଟରେ ବିକ୍ରି କରି କିରାସିନି ଓ ଲୁଣ କିଣି ଆଣନ୍ତି। ରାସନ ନେବାକୁ ଚିଙ୍ଗୁଡିପାଳ କିମ୍ବା ନାଳିଆଡାବାକୁ ଆସିବାକୁ ପଡ଼େ। ଏହି ଗ୍ରାମବାସୀଙ୍କ ପାଇଁ ସରକାରଙ୍କ ପ୍ରାୟ ସମସ୍ତ ଯୋଜନା ଅପହଞ୍ଚ ହୋଇ ପଡିଛି। ଏବେ ବି ଗର୍ଭବତୀ, ମାତୃ ମୃତ୍ୟୁହାର ଓ ଶିଶୁ ଅପପୁଷ୍ଟିରେ ଲଗାମ ଲାଗି ପାରିନାହିଁ। ସ୍ୱାସ୍ଥ୍ୟ କର୍ମୀମାନେ ପକ୍କା ରାସ୍ତାରେ ଯାଇ ନଗଡାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବାବେଳେ ରାସ୍ତା ନଥିବାରୁ ତୁମୁଣି ଗାଁକୁ ପହଞ୍ଚିବା କଷ୍ଟକର ହେଉଛି। ପାହାଡ କଡ଼ରେ ବଡବଡ ପଥର ଉପରେ ପାଦ ଚଲା ରାସ୍ତା ରହିଛି। ତେଣୁ ସରକାରୀ କର୍ମଚାରୀ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ତୁମୁଣି ଲୋକମାନେ ଲୁଣଟିକେ କିଣିବାକୁ ହେଲେ ଗୋଟିଏ ଦିନରେ ଘରକୁ ଫେରିପାରନ୍ତି ନାହିଁ। ପାହାଡ ରାସ୍ତା ଦେଇ ଯିବା ସମୟରେ ବନ୍ୟଜନ୍ତୁ ଆକ୍ରମଣ ଭୟ ଲାଗି ରହିଥାଏ। ବହୁ ସମୟରେ କେତେକ ଗ୍ରାମବାସୀ ଭାଲୁ ଆକ୍ରମଣରେ ଜୀବନ ହାରିଥିବା ଉଦାହରଣ ରହିଛି। ପ୍ରାୟ ୨୫ ଘର ବସବାସ କରୁଥିବା ଏହି ତୁମୁଣି ଗ୍ରାମରେ ଏବେ ବି ବିଜୁଳି ଆଲୁଅ ଦିବା ସ୍ୱପ୍ନ ହୋଇଛି। ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ତୁରନ୍ତ ପୁଷ୍ଟି ସାଧନ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ତୁମୁଣି ଓ ତଳଡିହ ଗ୍ରାମରେ ଅପପୁଷ୍ଟି ଶିଶୁ ରହିଥିବା ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ) ନଗଡା ପାଇଁ ତୁମୁଣି ଓ ତଳଡ଼ିହ ଗ୍ରାମଦ୍ୱୟକୁ ପରିଦର୍ଶନରେ ଯାଇ ପୁଷ୍ଟିହୀନ ଶିଶୁଙ୍କୁ ଉଦ୍ଧାର କରି ଏନଆରସିରେ ଭର୍ତ୍ତି କରିବାକୁ ସୁକିନ୍ଦା ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଏକ ୬ ଜଣିଆ ମେଡିକାଲ ଟିମ୍ ସମେତ ଜିଲ୍ଲା କଲ୍ୟାଣ ବିଭାଗର ସିଡିପିଓ ନଗଡା ଗସ୍ତରେ ଯାଇ ଫେରି ଆସିଥିବା ସୂଚନା ମିଳିଛି। ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଯାଜପୁର, କେନ୍ଦୁଝର ଓ କନ୍ଧମାଳ ସମେତ ଅନ୍ୟାନ୍ୟ ଜିଲ୍ଲାକୁ ସ୍ୱତନ୍ତ୍ର ଭାବେ ପରିଦର୍ଶନ କରି ୬ ମାସ ମଧ୍ୟରେ ଅତିଶୟ ଅପପୁଷ୍ଟି ଶୂନ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଅନ୍ୟପକ୍ଷେ ସିଡିଏମଓ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ପ୍ରତ୍ୟେକ ଗୁରୁବାର ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ନଗଡା, ତଳଡିହ, ତୁମୁଣି ଅଞ୍ଚଳକୁ ଗସ୍ତ କରି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। କିନ୍ତୁ ତୁମୁଣି ଏବଂ ତଳଡିହ ଗ୍ରାମବାସୀ ଉକ୍ତ ସ୍ୱାସ୍ଥ୍ୟ ଟିମ୍‌ର ବିଭିନ୍ନ ପରାମର୍ଶକୁ ମାନୁ ନାହାନ୍ତି। ହାତ ଧୋଇ ଖାଇବା, ଘର ପରିସର ସଫା କରିବା, ପାଇଖାନା ବ୍ୟବହାର ଓ ସ୍ୱଚ୍ଛ ପାଣି ବ୍ୟବହାର ଇତ୍ୟାଦି ଉପରେ ସଚେତନ ହେଉ ନାହାନ୍ତି। ପୁଷ୍ଟିହୀନ ଶିଶୁଙ୍କୁ ଏନଆରସିରେ ଭର୍ତ୍ତି କଲେ ଦିନକ ପରେ ତାଙ୍କ ମା' ବାପା ଫେରାଇ ନେଉଛନ୍ତି। ତଥାପି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ସଚେତନ କରିବାକୁ ଉଦ୍ୟମ ଜାରି ରଖୁଛି ବୋଲି ସେ କହିଥିଲେ।



ଉତ୍କଳ ଓଡ଼ିଶା

ଭୁବନେଶ୍ୱର
୨୪ ଅଗଷ୍ଟ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶାନ୍ତି ସ୍ୱରୂପ ଭଟନାଗର ଆୱାର୍ଡ ଜିତିଲେ ୨ ଓଡ଼ିଆ ବୈଜ୍ଞାନିକ



ନୂଆଦିଲ୍ଲୀ, ୨୩/୮

ଶାନ୍ତି ସ୍ୱରୂପ ଭଟନାଗର ଆୱାର୍ଡ ଜିତିଲେ ଦୁଇ ଓଡ଼ିଆ ବୈଜ୍ଞାନିକ । ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଡକ୍ଟର ଦିଗେନ୍ଦ୍ରନାଥ ସ୍ୱାଇଁ ଏବଂ କୃଷି ବୈଜ୍ଞାନିକ ସ୍ୱରୂପ କୁମାର ପରିଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବିଜ୍ଞାନ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନଜନକ ଶାନ୍ତି ସ୍ୱରୂପ ଭଟନାଗର ପୁରସ୍କାର ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଓଡ଼ିଶା ମାଟିର ଦୁଇ ସୁଯୋଗ୍ୟ ସନ୍ତାନ। ଯାନ୍ତ୍ରିକ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତି ସ୍ୱରୂପ ଭଟନାଗର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ଦିଗେନ୍ଦ୍ରନାଥ ସ୍ୱାଇଁ । ଗୁରୁବାର ରାଷ୍ଟ୍ରପତି ଭବନ ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ବିଜ୍ଞାନ କ୍ଷେତ୍ରରେ ସର୍ବୋଚ୍ଚ ତଥା ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦୌପଦୀ ମୁର୍ମୁ । ଓଡ଼ିଶା ମାଟିର ଦୁଇ ସୁଯୋଗ୍ୟ ସନ୍ତାନ ଏହି ସମ୍ମାନଜନକ ଶାନ୍ତି ସ୍ୱରୂପ ଭଟନାଗର ପୁରସ୍କାର ପାଇଛନ୍ତି ।

ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ ବୈଜ୍ଞାନିକ ଦିଗେନ୍ଦ୍ରନାଥ ସ୍ୱାଇଁଙ୍କୁ ଏହି ସମ୍ମାନ ମିଳିଛି । ଡକ୍ଟର ସ୍ୱାଇଁ ବର୍ତ୍ତମାନ କେରଳ ଥିରୁଅନନ୍ତପୁରମ ସ୍ଥିତ ଇଏକ୍ସଏମଡି/ଏସଟିଆର, ବିକ୍ରମ ସାରାଭାଇ ସ୍ପେଶ୍, ସେଣ୍ଟର ଇସ୍ରୋରେ କାର୍ଯ୍ୟରତ। ଡକ୍ଟର ସ୍ୱାଇଁ ଲଞ୍ଚ ଯାନ ସଂରଚନାର ପରୀକ୍ଷାମୂଳକ କଠିନ ଯାନ୍ତ୍ରିକ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛନ୍ତି। ଡିଆଇସି ବ୍ୟବହାର କରି ଗଠନମୂଳକ ଯୋଗ୍ୟତା ପରୀକ୍ଷଣକୁ ସମର୍ଥନ କରିବାରେ ଉଲ୍ଲେଖନୀୟ ଅବଦାନ ରହିଛି। ସିଷ୍ଟମ୍, ଡିଜିଟାଲ୍ ଶିଆରୋଗ୍ରାଫି ସିଷ୍ଟମ୍, ଅପ୍ଟିକାଲ୍ କୌଶଳ ବ୍ୟବହାର କରି ବିନାଶକାରୀ ପରୀକ୍ଷଣ ଇତ୍ୟାଦି କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି । ଅନ୍ୟପଟେ କୃଷି ବିଜ୍ଞାନୀ ସ୍ୱରୂପ କୁମାର ପରିଡା ମଧ୍ୟ ଏହି ସମ୍ମାନ ଜନକ ପୁରସ୍କାର ପାଇଛନ୍ତି । ସେ ବର୍ତ୍ତମାନ ନୂଆଦିଲ୍ଲୀ ସ୍ଥିତ, ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଣ୍ଟ ଜେନୋମି ରିସର୍ଚ୍ଚରେ କାର୍ଯ୍ୟରତ। ଇଣ୍ଟିଗ୍ରେଟେଡ୍ ପରବର୍ତ୍ତୀ ପିଢି ମୋଲେକୁଲାର ପ୍ରଜନନ କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ । ଏହାକୁ ମଧ୍ୟ ବିକାଶରେ ଡାକ୍ତର ପରିଡ଼ା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମଲିକୁଲାର ପ୍ରଜନନ ଏବଂ ଜଟିଳ ଚାପର ଦକ୍ଷ ଜେନେଟିକ୍ ବିଚ୍ଛେଦ ପାଇଁ ଏହା ନିୟୋଜିତ ହୋଇଥାଏ। ଫସଲର ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସହନଶୀଳତା, ଅମଳ ଏବଂ ଉଦ୍ଭିଦ ସ୍ଥାପତ୍ୟ ଗୁଣ, ଚାଉଳ ଏବଂ ଛେନା, ତିନୋଟି ଶୀଘ୍ର ପରିପକ୍ୱ, ମରୁଡ଼ି ସହନଶୀଳ, ଉଚ୍ଚ ଅମଳ କିସମ ସୃଷ୍ଟି କରିଛନ୍ତି ।

# କେବଳ ସନ୍ଦୀପ ଘୋଷ ନୁହେଁ, ଆହୁରି ଅଛନ୍ତି ସଂପୃକ୍ତ : ସିବିଆଇ

କୋଲକାତା, ୨୩/୮

କୋଲକାତା ଅଭୟା କାଣ୍ଡରେ ୬ ଜଣଙ୍କର ହେବ ପଲିଗ୍ରାଫ୍ ଟେଷ୍ଟ। ଆରଜି କର୍ ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ୍ ସନ୍ଦୀପ ଘୋଷଙ୍କର ହେବ ପଲିଗ୍ରାଫ୍ ଟେଷ୍ଟ୍। ମାରାଥନ ଜେରା କରିବା ପରେ, ତାଙ୍କର ପଲିଗ୍ରାଫ୍ ବା ଲାଏ ଡିଟେକ୍ସନ ଟେଷ୍ଟ କରିବ ସିବିଆଇ। ଏଥିପାଇଁ ଅନୁମତି ଦେଇଛନ୍ତି କୋଲକାତା କୋର୍ଟ । ପୀଡ଼ିତାଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଚାପିଦେବାକୁ ଉଦ୍ୟମ କରି ପ୍ରଥମରୁ ସନ୍ଦେହ ଘେରରେ ଅଛନ୍ତି ସନ୍ଦୀପ। ତେବେ ଲଗାତାର ୪-୫ ଦିନ ଧରି ଜେରା ସତ୍ତ୍ୱେ ସନ୍ଦୀପଙ୍କ କଥାରେ ତାଳମେଳ ରହୁନଥିବାରୁ ହୁଏତ ସେ ମିଛ କହୁଥିବା ଅନୁଭବ କରିଛି ସିବିଆଇ। ସେଥିପାଇଁ ସେ କେତେ ସତ, କେତେ ମିଛ କହୁଛନ୍ତି, ତାହା ମେସିନ୍ ପରଖିବ। କେବଳ ସନ୍ଦୀପ ଘୋଷ ନୁହଁନ୍ତି, ଘଟଣାଦିନ ରାତିରେ ପୀଡ଼ିତାଙ୍କ ସହ ଶେଷଥର ପାଇଁ ଡିନର୍ କରିଥିବା ତାଙ୍କର ୪ ସାଥୀ ଡାକ୍ତରଙ୍କର ବି ହେବ ପଲିଗ୍ରାଫ୍ ଟେଷ୍ଟ୍। ଏଥିପାଇଁ ମଧ୍ୟ କୋର୍ଟ ଅନୁମତି ଦେଇଛନ୍ତି। ଏହା ପୂର୍ବରୁ ମାମଲାରେ ଗିରଫ ଅଭିଯୁକ୍ତ ସଞ୍ଜୟ ରାୟର ପଲିଗ୍ରାଫ୍ ଟେଷ୍ଟ ପାଇଁ ମଧ୍ୟ ଅନୁମତି ମିଳିସାରିଛି। ମୋଟ ୬ ଜଣ ସିବିଆଇ ଆଗରେ ସତମିଛର ଅଗ୍ନିପରୀକ୍ଷା ଦେବାକୁ ଥିବା ବେଳେ ଶନିବାର ସୁଦ୍ଧା ଏହା ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ପଲିଗ୍ରାଫ୍ ଟେଷ୍ଟ ବା ଲାଏ ଡିଟେକ୍ସନ ଟେଷ୍ଟ ବେଳେ ସନ୍ଦିଗ୍ଧ ବା ଅଭିଯୁକ୍ତଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥାଏ। ଏହାର ଉତ୍ତର ଦେଉଥିବା ବେଳେ ତା'ର ହୃତ୍‌ସ୍ପନ୍ଦନ, ରକ୍ତଚାପ, ହାତଗୋଡ଼ ଥରିବା ଆଦି ବିଭିନ୍ନ ପ୍ରତିକ୍ରିୟା ଯାଞ୍ଚ କରିଥାଏ ପଲିଗ୍ରାଫ ମେସିନ୍। ଏହାଦ୍ୱାରା ସେ ସତ କହୁଛି ନା ମିଛ କହୁଛି ଜଣପଡ଼ିଥାଏ। ତେବେ ଏହି ରିପୋର୍ଟ କେବଳ ତଦନ୍ତରେ ସହାୟତା କରିଥାଏ। ଏହା କୋର୍ଟରେ ଗ୍ରହଣୀୟ ହୁଏ ନାହିଁ । ଅନ୍ୟପଟେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ କୋଲକାତାରେ ଜୋରଦାର ପ୍ରତିବାଦ କରିଛି ବିଜେପି। ପଶ୍ଚିମବଙ୍ଗରେ ମହିଳାଙ୍କ ପ୍ରତି ଅତ୍ୟାଚାର ଘଟଣା ବାରମ୍ବାର ସାମ୍ନାକୁ ଆସୁଥିବାରୁ ଏହାକୁ ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରିଛି ଦଳ। ଏହି ବିକ୍ଷୋଭ ପ୍ରଦର୍ଶନରେ ପଶ୍ଚିମବଙ୍ଗ ବିଜେପି ସଭାପତି ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାରଙ୍କ ସମେତ ବିଜେପି ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ବିଜେପି ନେତ୍ରୀ ଅଗ୍ନିମିତ୍ର ପଲ୍ କ୍ଷୋଭ ବଖାଣିବା ବେଳେ ନିଜ କୋହ ସମ୍ଭାଳି ପାରିନଥିଲେ । ତେବେ ଏନେଇ ଟିଏମ୍‌ସିର ପ୍ରତିକ୍ରିୟା ମିଳିପାରିନାହିଁ ।

# ବିକାଶ ନେଇ ନବୀନଙ୍କ ସହ ହିଞ୍ଜିଳି ସରପଞ୍ଚମାନଙ୍କ ଆଲୋଚନା



ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ

ହିଞ୍ଜିଳି ବ୍ଲକ୍‌ର ୧୬ଟି ପଞ୍ଚାୟତର ସରପଞ୍ଚମାନେ ଶୁକ୍ରବାର ନବୀନ ନିବାସ ଠାରେ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କୁ ଭେଟି ହିଞ୍ଜିଳିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ବିଜେଡି ସରକାର ବେଳେ ହୋଇଥିବା କଲ୍ୟାଣ ଓ ବିକାଶ କାମକୁ ମଧ୍ୟ ତ୍ୱରାନ୍ୱିତ ଭାବରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।

## କୁମ୍ଭୀରଭରା ବୈତରଣୀ ନଦୀରେ ଫସିଲା ଯାତ୍ରୀବାହୀ ଲଞ୍ଚ

ଚାନ୍ଦବାଲି, ୨୩/୮

ନ୍ୟୁଜ ବ୍ୟୁରୋ

କୁମ୍ଭୀରଭରା ବୈତରଣୀ ନଦୀରେ କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଠାରୁ ଭଦ୍ରକ ଜିଲ୍ଲା ଚାନ୍ଦବାଲିକୁ ଆସୁଥିବା ଏକ ସରକାରୀ ଯାତ୍ରୀବାହୀ ଲଞ୍ଚ ଶୁକ୍ରବାର ଅପରାହ୍ଣରେ ନଦୀ ମଝିରେ ଅଟକିଗଲା। ଚାନ୍ଦବାଲି ଜଳପଥ ପରିବହନ ବିଭାଗ ଅଧିନରେ ଥିବା ସାଲନ୍ଦୀ ଲଞ୍ଚ ବିପରୀତ ଦିଗରୁ ଅଧିକ ପବନ ବହିବାରୁ ଚାନ୍ଦବାଲି ବ୍ଲକ ଚଢ଼ଦିଆ ନିକଟସ୍ଥ ବୈତରଣୀ ନଦୀର ଶାଗୁଣା ଆଡିଆ ଘାଟରେ ଫସିଯାଇଥିବା ସୂଚନା ମିଳିଛି। ହେଲେ ଲଞ୍ଚରେ ଯାତ୍ରା କରୁଥିବା ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ତେବେ ଲଞ୍ଚ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ବିପଦରୁ ଯାତ୍ରୀମାନେ ରକ୍ଷା ପାଇଯାଇଛନ୍ତି।

# ସଶକ୍ତ ଓଡ଼ିଶା ଗଠନ ସରକାରଙ୍କ ଲକ୍ଷ୍ୟ : ଉପ ମୁଖ୍ୟମନ୍ତ୍ରୀ



ପୁରୀ, ୨୩/୮ ନ୍ୟୁଜ ବ୍ୟୁରୋ

ସଶକ୍ତ ଓଡ଼ିଶା ଗଠନ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ସେଥିପାଇଁ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭରଶୀଳ କରିବାକୁ ସରକାର ପ୍ରୟାସ କରୁଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଲ୍ଲେଖ କରିଛନ୍ତି। ଶୁକ୍ରବାର ପୂର୍ବାହ୍ଣରେ ନିମାପଡା ଶହୀଦ ସ୍ମୃତି ସଂସଦ ଠାରେ ମହିଳାମାନଙ୍କ ସଶକ୍ତିକରଣ ଲକ୍ଷ୍ୟରେ କାନରା ବ୍ୟାଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଋଣ ମେଳାରେ ଶ୍ରୀମତୀ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ। ଏହି ମେଳାରେ ୪୧୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ନେଇ ଶ୍ରୀମତୀ ପରିଡା କହିଥିଲେ ଯେ, ପ୍ରଥମ ଥର ଲାଗି ମହିଳାମାନଙ୍କ ପାଇଁ ଏଭଳି ଏକ ଋଣ ମେଳାର ଆୟୋଜନ କରାଯିବା ସମଗ୍ର ମହିଳାମାନଙ୍କ ପାଇଁ ଗର୍ବ ଓ ପ୍ରେରଣା ଦାୟକ। ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କର ଦାୟିତ୍ୱ ରହିଛି। ମହିଳାମାନେ ସଶକ୍ତ ହେଲେ ପୁରା ପରିବାରର ଆର୍ଥିକ ସ୍ଥିତି ସୁଦୃଢ ହେବ। ଏତଦ୍ ବ୍ୟତୀତ ସମାଜ ଗଠନରେ ତାଙ୍କର ଭାଗିଦାରୀ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମହିଳା ମା'ଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ମିଶନ ଶକ୍ତିର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, କାନରା ବ୍ୟାଙ୍କ ମୁଖ୍ୟ ଦିବାକର ପ୍ରସାଦ ହରିଚନ୍ଦନ, ପିସି ଓ୍ୱିଙ୍ଗ୍‌ର ଜେନେରାଲ ମ୍ୟାନେଜର ମମତା ଏ ଜୋଶୀ, ଜଗଦୀଶ ଚନ୍ଦର, ରିଜିଓନାଲ ଚିଫ୍ ମହାମାୟା ପ୍ରସାଦ ରାୟ ଓ ନିମାପଡା କାନରା ବ୍ୟାଙ୍କ ମ୍ୟାନେଜର ମିଲନ ପୃଷ୍ଟି ପ୍ରମୁଖ ଯୋଗ ଦେଇ ମହିଳାମାନଙ୍କୁ ସମୃଦ୍ଧ ଓ ସଶକ୍ତ କରିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ଭିଜିଲାନ୍ସ ଜାଲରେ ଓଏସ୍ଆରଟିସି ସିଏଓ : ୭ ସ୍ଥାନରେ ଚାଲିଛି ଚଢ଼ଉ

ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ

ଚିଫ୍ ଆକାଉଣ୍ଟ ଅଫିସରଙ୍କ ଘରେ ପଶିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଏସଆରଟିସି ଚିଫ୍ ଆକାଉଣ୍ଟ ଅଫିସର ବିଜୟ ମଙ୍ଗରାଜଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଚଢ଼ଉ କରିଛି। ଭୁବନେଶ୍ୱରର ୬ଟି ଓ ବାରିପଦାର ଗୋଟିଏ ସ୍ଥାନରେ ଚଢ଼ଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି। ଭୁବନେଶ୍ୱର ନନ୍ଦନ ବିହାର ସ୍ଥିତ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ପଳାଶୁଣୀରେ ଥିବା ଦୁଇଟି ଦୁଇମହଲା କୋଠା, ବାରିପଦା ଷ୍ଟେସନ ରୋଡରେ ଥିବା ଘର, ଭୁବନେଶ୍ୱର ଓଏସଆରଟିସି ଅଫିସ ଚ୍ୟାମ୍ବର, ଖାରବେଳ ଭବନରେ ଥିବା କାର୍ଯ୍ୟାଳୟ, ଭୁବନେଶ୍ୱର ଇଡକୋ ଟାୱାରରେ ଥିବା ଅଫିସରେ ଚଢ଼ଉ କରାଯାଇଛି। ବିଜୟ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ତଦନ୍ତ କରି ଶୁକ୍ରବାର ସକାଳେ ଚଢ଼ଉ କରିଥିଲା।

# ଚଳିତ ବର୍ଷଠାରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ



ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷଠାରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ଏ ବାବଦରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ମାସ ୩୧ ତାରିଖ ଦିନ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସର ଆୟୋଜନ କରିବା ନିମନ୍ତେ ବିଧିବଦ୍ଧ ପ୍ରସ୍ତୁତିର ଶୁଭାରମ୍ଭ ହୋଇଛି।

ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ସଂପର୍କରେ ମନ୍ତ୍ରୀ ଡା. ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନାକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସ୍ଥିର କରାଯାଇଛି। ବିକଶିତ ଓଡ଼ିଶା ଗଠନ କ୍ଷେତ୍ରରେ ବିକଶିତ ସହରାଞ୍ଚଳ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ପରିପ୍ରେକ୍ଷୀରେ ସହରାଞ୍ଚଳବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ତେବେ ଏହି ମହତ୍ୱପୂର୍ଣ୍ଣ ଦିନଟିକୁ ଚିରାଚରିତ ଢଙ୍ଗରେ ପାଳନ ନକରି ଭିନ୍ନ ଭାବେ ପାଳନ କରାଯିବାକୁ ମନ୍ତ୍ରୀ ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।

ଉକ୍ତ ଦିନ ରାଜ୍ୟର ସମସ୍ତ ୧୧୫ଟି ପୌରାଞ୍ଚଳରେ ଏକ ସାଙ୍ଗରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ବିଭିନ୍ନ ପ୍ରତିଯୋଗିତା ଆୟୋଜନପୂର୍ବକ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ, ସଭାସମିତି ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପରି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ରାଜ୍ୟ ବିଧାନସଭାସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ସ୍ୱତନ୍ତ୍ର ଶାସନ ସଚିବ ଦେବାଶିଷ ସିଂହ ଓ ଅତିରିକ୍ତ ଶାସନ ସଚିବ ରବିନ୍ଦ୍ର କୁମାର ସାହୁ, ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢୀ ଆଭାସି ମାଧ୍ୟମରେ ୫ଟି ମହାନଗର ନିଗମ କମିଶନରଙ୍କ ସମେତ ସମସ୍ତ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କ ସହ ସ୍ୱାୟତ୍ତ ଶାସନ ଦିବସ ପାଳନ ସଂକ୍ରାନ୍ତରେ ଆଲୋଚନା କରି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୌରସଂସ୍ଥାଗୁଡିକ ଦ୍ୱାରା ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ଦୃଷ୍ଟିରୁ ଉତ୍ସାହଉଦ୍ଦୀପନା ଏବଂ ନିଷ୍ଠା ଓ ଆନ୍ତରିକତାର ସହ ଏଥିରେ ସମସ୍ତଙ୍କୁ ସାମିଲକରି ଦିବସକୁ ସଫଳତାର ସହ ପାଳନ କରିବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଛନ୍ତି ।

## ଆଇପିଏସ୍ ଆଶିଷ ସିଂ ଏବଂ ଡିଏସ୍ କୁଟେଙ୍କ ଅଡୁଆ ବଢ଼ିଲା : ୩୦ ଦିନରେ ଉତ୍ତର ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ

ଆଇପିଏସ୍ ଅଧିକାରୀ ଆଶିଷ ସିଂ ଏବଂ ଡିଏସ୍ କୁଟେଙ୍କ ପାଇଁ ଅଡୁଆ ବଢ଼ିଛି। ଗୃହ ବିଭାଗ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଆଶିଷ ସିଂହ ଓ ଡିଏସ୍ କୁଟେଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଗୃହ ବିଭାଗ ୩୦ ଦିନ ଭିତରେ ଉଭୟଙ୍କୁ ଉତ୍ତର ଦେବା ପାଇଁ ନିର୍ଦ୍ଦେଶ ଦେଇଛି। ନିର୍ବାଚନ ପରିଚାଳନାରେ ସମ୍ପୃକ୍ତି ଅଭିଯୋଗରେ କୁଟେଙ୍କୁ ଉତ୍ତର ଦେବାକୁ ନିର୍ଦ୍ଦେଶ ହୋଇଛି। ସନ୍ତୋଷ ଜନକ ଉତ୍ତର ନଦେଲେ ହୋଇପାରେ ତଦନ୍ତ। ନିର୍ବାଚନ କମିଶନ ମାଗିଥିବା ଅଭିଯୋଗ ଉପରେ ଉତ୍ତର ଦେବାକୁ ନିର୍ଦ୍ଦେଶ ହୋଇଛି। ନିର୍ବାଚନ ଦିନ ଜଣେ ପ୍ରାର୍ଥୀଙ୍କୁ ଗିରଫ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଏବଂ ଖୋର୍ଦ୍ଧା ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ନାହିଁ ସେ ନେଇ ଉତ୍ତର ମାଗିଛି ଗୃହ ବିଭାଗ। ଟଙ୍କା ଓ ପଦବୀର ଦୁରୁପଯୋଗ କରି ନିର୍ବାଚନରେ ହସ୍ତକ୍ଷେପ କରିଥିଲେ କି ନାହିଁ ଉତ୍ତର ଦେବାକୁ ନିର୍ଦ୍ଦେଶ ହୋଇଛି। ଗୃହ ବିଭାଗ ମିଥ୍ୟା କାରଣ ଦର୍ଶାଇ ଛୁଟିରେ ରହିବା ନେଇ ବି ଆଶିଷ ସିଂଙ୍କୁ ଉତ୍ତର ମାଗିଛି।

ଆଇପିଏସ୍ ଆଶିଷ ସିଂହ (୨୦୦୪ ବ୍ୟାଚ୍)ଙ୍କୁ ଗତ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଏଡିଜି ପାହ୍ୟାର ଆଇପିଏସ୍ ଡି.ଏସ. କୁଟେ (୧୯୯୭ ବ୍ୟାଚ୍)ଙ୍କ ନିଲମ୍ବନ ହଟିବା ପରେ ତାଙ୍କୁ ବି ଗତ ୧୫ ତାରିଖରେ ଗୃହ ବିଭାଗର ଓଏସ୍‌ଡି ଦାୟିତ୍ୱ ଦିଆଯାଇଛି।

## ବଲାଙ୍ଗିର ଜେଲ୍‌ରୁ ବିପୁଳ ନିଶାଦ୍ରବ୍ୟ ଜବତ

ବଲାଙ୍ଗୀର, ୨୩/୮ ନ୍ୟୁଜ ବ୍ୟୁରୋ

ଶୁକ୍ରବାର ସକାଳୁ ସକାଳୁ ବଲାଙ୍ଗିର ଜେଲ୍‌ରେ ବଡ଼ ଧରଣର ଚଢ଼ଉ କରିଛି ପୁଲିସ। ଜେଲ୍‌ରେ ଗ୍ୟାଙ୍ଗୱାର ଚାଲିଥିବା ନେଇ ଖବର ପ୍ରକାଶ ପାଇବା ପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଛି। ମାଜିଷ୍ଟ୍ରେଟଙ୍କ ସହ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ୯ ଅଫିସର ଏହି ଚଢ଼ଉରେ ସାମିଲ ହୋଇଛନ୍ତି। ଚଢ଼ଉ ବେଳେ ଜେଲ୍ ଭିତରୁ ବିଡ଼ି, ସିଗାରେଟ୍, ଦିଆସିଲ୍ ଓ ଅନ୍ୟ ନିଶାଦ୍ରବ୍ୟ ଜବତ ହୋଇଥିବା ସୂଚନା ମିଳିଛି। ଏହି କାରନାମାରେ ଜେଲ୍ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ଦିନ ଜେଲ୍‌ରେ କୁଖ୍ୟାତ ଅପରାଧୀ ବବୁଲ ମହାନନ୍ଦଙ୍କୁ ଅନ୍ୟ ଏକ ଗୋଷ୍ଠୀ ଆକ୍ରମଣ କରିଥିବାର ସୂଚନା ମିଳିଛି। ବଲାଙ୍ଗିର ଜେଲ୍‌ର ସୁପରିଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁ କହିଛନ୍ତି, ଆସାମୀମାନଙ୍କୁ ଚେକିଂ କରାଯାଇ ଭିତରକୁ ଛଡ଼ାଯାଉଛି। ଏହା ସତ୍ତ୍ୱେ ବି ଆସାମୀମାନେ ଲୁଚାଇ ନିଶାଦବ୍ୟ ଭିତରକୁ ନେଇଯାଉଛନ୍ତି।

# ସିମ୍‌ବକ୍ସ ମାମଲା: ପୁଣି ରିମାଣ୍ଡରେ ଗଲା ରାଜୁ ମଣ୍ଡଳ

ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ

ସିମ୍ ବକ୍ସ ମାମଲାରେ ଅଧିକ ଖୋଳତାଡ଼ ପାଇଁ ଅଭିଯୁକ୍ତ ରାଜୁ ମଣ୍ଡଳଙ୍କୁ ପୁଣି ରିମାଣ୍ଡରେ ନେଇଛି କମିଶନରେଟ ପୁଲିସ। ଦୁଇ ଦିନିଆ ରିମାଣ୍ଡ ଅନୁମତି ମିଳିବା ପରେ ଜେଲ୍‌ରୁ ରାଜୁ ମଣ୍ଡଳଙ୍କୁ ନିଜ ହେପାଜତକୁ ନେଇଛି ପୁଲିସ। ଜେଲ୍‌ରୁ ଆଣିବା ପରେ ରାଜୁଙ୍କୁ ଲକ୍ଷ୍ମୀସାଗର ଥାନାକୁ ଆଣି ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଏନଆଇଏ ଅଧିକାରୀ ରାଜୁ ମଣ୍ଡଳଙ୍କୁ ପଚରାଉଚରା କରିଥିଲା। ଏବେ ରିମାଣ୍ଡରେ ଆସିବା ପରେ ପୁଣି ଜେରା କରିପାରେ ଏନଆଇଏ ଟିମ୍ । ସିମ୍ ବକ୍ସ ମାମଲାରେ ଦ୍ୱିତୀୟ ଥର ପାଇଁ ରାଜୁଙ୍କୁ ରିମାଣ୍ଡରେ ଆଣିଛି ପୁଲିସ। ୭ ଦିନ ପାଇଁ ରିମାଣ୍ଡରେ ଆଣିବାକୁ ଲକ୍ଷ୍ମୀସାଗର ଥାନା ପୁଲିସ କୋର୍ଟରେ ଆବେଦନ କରିଥିବାବେଳେ ୨ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି କୋର୍ଟ। ରିମାଣ୍ଡ ଅବଧି ବେଳେ ମୁଖ୍ୟ ଅଭିଯୁକ୍ତ ଆଶାଦ୍ଦୁର ଜମାନ ବାବଦରେ ଅଧିକ ପଚରାଉଚରା ହେବ। ବାଂଲାଦେଶର ଢାକାରେ ରହି ଆଶାଦ୍ଦୁର କିଭଳି ଭୁବନେଶ୍ୱର, କଟକ ଓ ରାଞ୍ଚିରେ ନିଜର ସିଣ୍ଡିକେଟ ଚଳାଇଥିଲା ତାହାର ଖୋଳତାଡ଼ ହେବ। କିଏ ତା' ପାଇଁ ପଇସା ଖର୍ଚ୍ଚ କରୁଥିଲା ? ଆର୍ଥିକ କାରବାର ପଛରେ ଆଉ କାହାର ହାତ ଅଛି କି ?



ସିମ୍‌ବକ୍ସ ଜରିଆରେ ପାକିସ୍ତାନ ଓ ଚୀନ କାହା ପାଖକୁ ଯାଉଥିଲା କଲ୍ ? କ'ଣ ଏହି ସ୍ମାର୍ଟ ସୁଇଚ୍ ସିମ୍‌ବକ୍ସରୁ ଯାଉଥିଲା କି ବିଦେଶରେ ରହୁଥିବା ଅଣ୍ଡରଓ୍ୱାର୍ଲଡ଼ ଡନ୍‌କୁ କଲ୍ ? ଏ ସବୁ କଥା ଜାଣିବା ପାଇଁ ରାଜୁଙ୍କୁ ଅଧିକ ପଚରାଉଚରା କରାଯିବ। ଗୁରୁବାର ଆଶାଦ୍ଦୁରର ଫଟୋ ଜାରି କରିଥିଲା କମିଶନରେଟ ପୁଲିସ। ଢାକାରେ ଏକ ସଫ୍ଟୱେର କମ୍ପାନୀ ଚଳାଉଥିଲା ଆଶାଦ୍ଦୁର। ଫ୍ୟାସନ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟରୁ ସେ ପାଠ ପଢ଼ିଥିଲା। ପୁଲିସ ହାତରେ ସିଡ଼ିଆର ରିପୋର୍ଟ ଲାଗିବା ପରେ ଗୋଟିଏ ପରେ ଗୋଟିଏ ଆତଙ୍କୀ ଲିଙ୍କ୍ ନେଇ ଅଧିକ ଖୋଳତାଡ଼ କରୁଛି ପୁଲିସ।

# କୁବେର ଢେଙ୍କାନାଳ ସଦର ରେଞ୍ଜରଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୩/୮

ନ୍ୟୁଜ ବ୍ୟୁରୋ

କୁବେର ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କୁ ବାନ୍ଧିଲା ପୁଲିସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ରେଞ୍ଜର ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗୁରୁବାର ରେଞ୍ଜରଙ୍କ ପୈତୃକ ଘର ସମେତ ୮ଟି ସ୍ଥାନରେ ଚଢ଼ଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ରେଞ୍ଜରଙ୍କ ଭୁବନେଶ୍ୱରରେ ଗୋଟିଏ, ହାଇଦ୍ରାବାଦରେ ୨ଟି କୋଠା, ଭୁବନେଶ୍ୱର ଓ ଢେଙ୍କାନାଳରେ ରେଞ୍ଜରଙ୍କ ୮ଟି ଫ୍ଲାଟ୍ ଠାବ କରାଯାଇ ଥିଲା। ସେହିପରି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା,



ନଗଦ ୫.୧୫ ଲକ୍ଷ ଟଙ୍କା ଓ ୫୫୭ ଗ୍ରାମ୍‌ର ସୁନା ଅଳଙ୍କାର ମଧ୍ୟ ଜବତ କରିଥିଲା ଭିଜିଲାନ୍ସ। ଏଥିସହ ରେଞ୍ଜରଙ୍କର ଆଠଗଡ଼ରେ ୨ କୋଟି ଟଙ୍କା ମୂଲ୍ୟର ଫାର୍ମ ହାଉସ ଠାବ କରିଥିଲା ଭିଜିଲାନ୍ସ। ପାର୍କଠୁ ବଡ଼ ଏହି ଫାର୍ମ ହାଉସକୁ ଅତି ସୁନ୍ଦର ଭାବେ ସଜାଯାଇଥିଲା। ଫାର୍ମ ହାଉସରେ ଥିଲେ ମୟୂର, ଠେକୁଆ, ଶୁଆ ଓ ବତକ ଭଳି ଅନେକ ଜୀବଜନ୍ତୁ ଅଛନ୍ତି। ଭିଜିଲାନ୍ସ ଫାର୍ମ ହାଉସ୍‌ରୁ ୪ଟି ମୟୂର ଉଦ୍ଧାର କରିବା ସହ ବନ୍ୟପ୍ରାଣୀ ଦଫାରେ ମାମଲା ରୁଜୁ କରିଛି। ଏଥିସହ ରେଞ୍ଜର ବାବୁଙ୍କ ଢେଙ୍କାନାଳ ସ୍ଥିତ ଘରେ ଥିବା ଟଏଲେଟ୍ ଫ୍ଲସରୁ ୨ ବିଡ଼ା ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ। ରେଞ୍ଜର ବାବୁଙ୍କ ଅଚଳାଚଳ ସମ୍ପତ୍ତି ଠାବ ହେବା ପରେ ତାଙ୍କୁ ଅଟକ ରଖାଯାଇ ପଚରାଉଚରା କରିଥିଲା ଭିଜିଲାନ୍ସ। ହେଲେ ରେଞ୍ଜର ବାବୁ ଠୁଳ କରିଥିବା ସମ୍ପତ୍ତି ସଂପର୍କରେ ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ଶୁକ୍ରବାର ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ଓଡ଼ିଶାରେ ପିଏମ୍-ଜନମନର ଦ୍ୱିତୀୟ ପର୍ଯ୍ୟାୟ ଆଇ.ଇ.ସି ଅଭିଯାନ ଶୁଭାରମ୍ଭ

# ପିଭିଟିଜିଙ୍କ ସୁରକ୍ଷା ଓ ସଂସ୍କୃତି ସଂରକ୍ଷଣର ଆବଶ୍ୟକତା ରହିଛି : ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୨୩/୮ :ନ୍ୟୁଜ ବ୍ୟୁରୋ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ସୂଚନା-ଶିକ୍ଷା-ପ୍ରସାର(ଆଇ.ଇ.ସି) ଅଭିଯାନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନ ରାଜ୍ୟର ୧୪ଟି ଜିଲ୍ଲାର ୧୬୭୯ଟି ଗ୍ରାମରେ ବାସ କରୁଥିବା ୨,୯୪,୭୧୨ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି)ଙ୍କ ନିକଟରେ ପହଞ୍ଚିବ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଗତବର୍ଷ ଜନଜାତି ଗୌରବ ଦିବସ ଅବସରରେ ଝାଡ଼ଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲାରୁ ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିଥିଲେ।



ଦେଶର ୧୬ ଗୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୧୯୪ ଟି ଜିଲ୍ଲାରେ ବସବାସ କରୁଥିବା ୧୦.୭ ଲକ୍ଷ ପରିବାର ପାଖରେ ପହଞ୍ଚି ସେମାନଙ୍କୁ ବିଭିନ୍ନ ମୌଳିକ ସେବା ଏବଂ ସୁବିଧା ସୁଯୋଗ ଯୋଗାଇ ଦେବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅଭିଯାନରେ ଗତବର୍ଷ ମଧ୍ୟ ଏକ ଆଇ.ଇ.ସି ଅଭିଯାନ ଜନିତ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ୍ ହେବା ପାଇଁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି, “ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସରେ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି କରାଯିବ। ବିଶେଷ ଭାବେ ଅନୁନ୍ନତ ଜନଜାତି ବା ପିଭିଟିଜିଙ୍କ ସୁରକ୍ଷା, ସେମାନଙ୍କ ସଂସ୍କୃତିର ସଂରକ୍ଷଣର ଆବଶ୍ୟକତା ରହିଛି। ସେଥିପାଇଁ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଆବଶ୍ୟକ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ବିକାଶ ଆମ ରାଜ୍ୟ ସରକାରଙ୍କର ପ୍ରାୟତଃ ସମସ୍ତ ଯୋଜନାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କୁ 'ବିକଶିତ ଓଡ଼ିଶା, ବିକଶିତ ଭାରତ'ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜାନର ପ୍ରଚାରପ୍ରସାର କରାଯାଉଛି। ଏହି ଅଭିଯାନରେ ଜନସାଧାରଣ, ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କ ମିଳିତ ପ୍ରୟାସର ଆବଶ୍ୟକତା ରହିଛି” ।

ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ ସେ ଏହା ମଧ୍ୟ କହିଛନ୍ତି ଯେ ଯୋଜନାରେ ୯ଟି ପ୍ରମୁଖ ମନ୍ତ୍ରଣାଳୟ ତଥା ବିଭାଗର ୧୧ଟି ପ୍ରମୁଖ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି । ଏତଦ୍‌ବ୍ୟତୀତ ଆଧାର ପଞ୍ଜିକରଣ, ଗୋଷ୍ଠୀ ପ୍ରମାଣପତ୍ର ପ୍ରଦାନ, ପିଏମ-ଜନଧନ ଯୋଜନା, ପିଏମ-ଗରିବ କଲ୍ୟାଣ ଯୋଜନା, ଆୟୁଷ୍ମାନ କାର୍ଡ, ପିଏମ-କିଷାନ ସମ୍ମାନ ନିଧି, କିଷାନ କ୍ରେଡିଟ୍ କାର୍ଡ, ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ଥିବା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ମାଲିକାନା ବାବଦରେ ସମାଧାନ ଭଳି ୧୦ଟି ପ୍ରସଙ୍ଗର ସମାଧାନ କରାଯାଉଛି।

## ଏନ୍‌ଏସ୍‌ଏଆଇ ଓଡ଼ିଶା ଆଞ୍ଚଳିକ ଅଧିକାରୀଙ୍କ ସୂଚନା

# ୪ ମାସରେ ସରିବ କଟକ-ସମ୍ବଲପୁର ୫୫ ନମ୍ବର ଏନ୍‌ଏଚ୍ କାମ

ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ

ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାମ। ପ୍ରାରମ୍ଭିକ ଭାବେ ଅକ୍ଟୋବର ୩୧ ସୁଦ୍ଧା ଅନୁଗୁଳରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ କାମ ଶେଷ ହେବ ବୋଲି କହିଛନ୍ତି ଏନଏଚଏଆଇ ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂହ। ସେ କହିଛନ୍ତି, ଏବେ ଏହି ସେକ୍ସନରେ ୪-୫ଟି ସ୍ଥାନରେ ନିର୍ମାଣ କାମ ଚାଲୁଛି, ଯାହାକି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ସେହିପରି କଟକରୁ ଅନୁଗୁଳ ପର୍ଯ୍ୟନ୍ତ ରାଜପଥର କାମ ଶେଷ ହୋଇସାରିଛି। ଅଳ୍ପ କିଛି ସ୍ଥାନରେ ସେତୁ, ଆରଓବି ରେଳ ସେତୁ କାମ ଚାଲିଛି। ଡିସେମ୍ବର ୩୧ ସୁଦ୍ଧା ଏହି ଅଞ୍ଚଳର କାମ ମଧ୍ୟ ସମ୍ପୂର୍ଣ୍ଣ ହେବ। ସେପଟେ ଚଳିତ ଆର୍ଥିକ ବର୍ଷରେ କ୍ୟାପିଟାଲ ରିଜନ ରିଙ୍ଗ ରୋଡ୍ ନେଇ ଏନ୍‌ଏଚ୍‌ଏଆଇ କାର୍ଯ୍ୟାଦେଶ ଜାରି କରିବ। ସାଢ଼େ ୬ ହଜାର କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ ହେବ ୬ ଲେନ୍ ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍। ପ୍ରସ୍ତାବିତ ପ୍ରକଳ୍ପରେ ମୋହର ଲଗାଇବାକୁ ଚଳିତ ମାସ ଶେଷ ସୁଦ୍ଧା ଏନ୍‌ଏଚ୍‌ଏଆଇକୁ ପ୍ରସ୍ତାବ ପଠାଇବ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ । ଅନୁମୋଦନ ମିଳିବା ପରେ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟାଦେଶ ଜାରି କରାଯାଇ ଟେଣ୍ଡର ଆହ୍ୱାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଚଳିତ ବର୍ଷ ରାଜ୍ୟରେ ମୋଟ ୬୫୦ କିଲୋମିଟର ଜାତୀୟ ରାଜପଥ କାମ ପାଇଁ କାର୍ଯ୍ୟାଦେଶ ଜାରି ହେବ ବୋଲି କହିଛନ୍ତି ବିରେନ୍ଦ୍ର ସିଂ ।